**ସଂକ୍ଷେପରେ**

## ୨ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିଲମ୍ବିତ

**ବସ୍ତା, ୩।୧୦(ସ୍ୱ.ପ୍ର.):** ବସ୍ତା ବ୍ଲକ ନଟାକଟା ପଞ୍ଚାୟତରେ ଭତ୍ତା ବଣ୍ଟନରେ ଅନିୟମିତତା ଅଭିଯୋଗରେ ଦାୟିତ୍ୱରେ ଥିବା ଦୁଇ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଭତ୍ତା ବଣ୍ଟନରେ ଚଞ୍ଚକତା ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ପୂର୍ବରୁ ଏହି ପଞ୍ଚାୟତର ପିଅନଙ୍କୁ ଗିରଫ କରାଯାଇଥିଲା। ବୁଧବାର ଜିଲାପାଳ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ ଚାନ୍ଦ ଓ ଅଜୟ କୁମାର ସାହୁଙ୍କୁ କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି।

## ରାଇଜିନ୍ ଟେକ୍ କମ୍ପାନୀରୁ ଠକେଇ ମାମଲା, ୩ ଗିରଫ

**ସଜନାଗଡ, ୩।୧୦(ଡି.ଏନ.ଏ.):** ଦିଲ୍ଲୀର ନୋଏଡାସ୍ଥିତ ରାଇଜିନ୍ ଟେକ୍ ପ୍ରାଇଭେଟ୍ କମ୍ପାନୀରେ ନାମକ ଏକ ସଫ୍ଟୱେୟାର କମ୍ପାନୀରୁ ୮ ଲକ୍ଷ ଟଙ୍କା ହଡ଼ପ ଘଟଣାର ପର୍ଦ୍ଦାଫାଶ ହୋଇଛି। ବରହମପୁର ଓ ନୀଳଗିରି ପୋଲିସ ମିଳିତ ଉଦ୍ୟମରେ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ସେମାନଙ୍କଠାରୁ ଗୋଟିଏ ଲ୍ୟାପଟପ, ଗୋଟିଏ ଟ୍ୟାବ, ୫ଟି ମୋବାଇଲ ସହ ନଗଦ ୮୨ ହଜାର ଟଙ୍କା ଜବତ କରାଯାଇଛି। ସେମାନଙ୍କୁ ଗୁରୁବାର କୋର୍ଟଚାଲଣ କରାଯାଇଥିଲା। କୋର୍ଟରେ ଅଭିଯୁକ୍ତମାନଙ୍କର ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ବରହମପୁର ଥାନା ଅଧୀନ ମାଟିଆଳି ଗ୍ରାମର ସମୀର ପାତ୍ର, ପ୍ରଶାନ୍ତ ପ୍ରଧାନ ଓ ମନୋରଞ୍ଜନ ବେହେରା ୩ଜଣ ଯୁବକ ଏହି କମ୍ପାନୀରେ ସମସ୍ତ ତଥ୍ୟଗତ ପ୍ରମାଣପତ୍ର ଦେଇ ରିଟେଲର ହୋଇଥିଲେ। ସେଥିପାଇଁ କମ୍ପାନୀ ପକ୍ଷରୁ ଏମାନଙ୍କୁ ଏକ ଆଇଡି ମିଳିଥିଲା। ଏହି ୩ ଯୁବକ ୮ଲକ୍ଷ ଟଙ୍କା ହଡ଼ପ କରି ନିଜ ଗାଁ ମାଟିଆଳିକୁ ପଳାଇ ଆସିଥିଲେ। କମ୍ପାନୀ ପକ୍ଷରୁ ଅଧିକାରୀ ମନୋଜ କୁମାର ଶର୍ମା ବରହମପୁର ଥାନାରେ ଲିଖିତ ଅଭିଯୋଗ ଦେବା ପରେ ଥାନା ପକ୍ଷରୁ ଏକ ମାମଲା(ନଂ. ୫୦/୧୯) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ନୀଳଗିରି ଆଇଆଇସି ନଳିତା ମୋଦି ଓ ବରହମପୁର ଓଆଇସି ଅଜୟ ମୁର୍ମୁ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛନ୍ତି।

## ଗାଡ଼ିଆରେ ବୁଡ଼ି ଚାଷୀଙ୍କ ମୃତ୍ୟୁ

**ସୋର, ୩।୧୦(ଡି.ଏନ.ଏ.):** ସୋର ପୌରପରିଷଦ ୨ନମ୍ବର ୱାର୍ଡ଼ର ରବୀନ୍ଦ୍ର କୁମାର ରାଉତ(୬୨) ନାମକ ଚାଷୀ ବିଲ ମଝି ଗଭୀର ଗାଡ଼ିଆରେ ବୁଡି ପ୍ରାଣ ହରାଇଛନ୍ତି। ଗୁରୁବାର ସେ ତାଙ୍କ ନିଜ ଚାଷ ଜମିରେ କୀଟନାଶକ ପକାଇ ଗାଡ଼ିଆକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ତାଙ୍କ ଗୋଡ଼ ଖସିଯାଇଥିଲା। ସେ ଆଉ ବାହାରିପାରି ନ ଥିଲେ। ପରିବାର ଲୋକେ ତାଙ୍କୁ ପାଣିରୁ ଉଦ୍ଧାର କରି ମେଡିକାଲ ନେବା ପରେ ଡାକ୍ତର ମୃତ ଘୋଷଣା କରିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ କରିଛି।

## ଭଦ୍ରକ ଏମ୍‌ପିଙ୍କ ବାହାନଗା ବ୍ଲକ ପ୍ରତିନିଧି ମନୋନୀତ

**ବାହାନଗା,୩।୧୦(ଡି.ଏନ.ଏ.):** ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କ ବାହାନଗା ବ୍ଲକ ପ୍ରତିନିଧି ଭାବେ ବ୍ଲକ ସଭାପତି ଅଜୟ କୁମାର ପଣ୍ଡାଙ୍କୁ ମନୋନୀତ କରାଯାଇଛି। ସେ ଚିଠି ନଂ.୧୫୦/୧୯ରେ ବାହାନଗା ବିଡିଓ ଓ ବାଲେଶ୍ୱର ଜିଲାପାଳ ସମେତ ଡିଆରଡିଏଙ୍କ ଅବଗତି ନିମନ୍ତେ ଜଣାଇଛନ୍ତି।

# କୋଟି କୋଟି ଟଙ୍କାର ବିଦ୍ୟୁତ୍ ବିଲ୍ ବାକି

- ବାଲେଶ୍ୱର ଆଲଏଜକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କଲା ନେସ୍କୋ
- ଆଶଙ୍କାରେ ୫ ହଜାର ଶ୍ରମିକଙ୍କ ପରିବାର

**ରେମୁଣା, ୩।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁରସ୍ଥିତ ବୃହତ୍ ଶିଳ୍ପାନୁଷ୍ଠାନ ବାଲେଶ୍ୱର ଆଲଏଜର ଭାଗ୍ୟ ଅନ୍ଧକାର ଆଡ଼କୁ ଠେଲି ହୋଇଯାଇଛି। ବିଦ୍ୟୁତ୍ ଯୋଗାଣକାରୀ କମ୍ପାନୀ 'ନେସ୍କୋ' କାରଖାନାକୁ ମଙ୍ଗଳବାର ସନ୍ଧ୍ୟାରୁ ବିଦ୍ୟୁତ୍ ଯୋଗାଣ ବନ୍ଦ କରିଦେଇଛି। କାରଖାନା ବ୍ୟବହାର କରୁଥିବା ବିଦ୍ୟୁତ୍ ବାବଦ ବିଲ୍ ପୈଠ କରୁ ନ ଥିବାରୁ ଏଭଳି ପଦକ୍ଷେପ ନିଆଯାଇଥିବା ନେସ୍କୋ ଅଧିକାରୀ ବ୍ରଜସୁନ୍ଦର ପରିଡ଼ା ସୂଚନା ଦେଇଛନ୍ତି। ଫଳରେ କାରଖାନାର ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଏହାଦ୍ୱାରା ୫ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଏବଂ କର୍ମଚାରୀଙ୍କ ପରିବାର ଆଶଙ୍କା ମଧ୍ୟରେ ଅଛନ୍ତି। କାରଖାନା ଉପରେ ୧୬୫.୫ କୋଟି ଟଙ୍କାର ବିଦ୍ୟୁତ୍ ବିଲ ବକେୟା ରହିଥିବାରୁ ଏଭଳି ପଦକ୍ଷେପ ନିଆଯାଇଥିବା ନେସ୍କୋ ପକ୍ଷରୁ ସୂଚନା ଦିଆଯାଇଛି।

କାରଖାନାର ୫ଟି ଫର୍ନେସ ପାଇଁ ୧୩୨କେଭିର ପାୱାର ଆବଶ୍ୟକ ହୋଇଥାଏ। ପ୍ରତିମାସ ଏଥିପାଇଁ କାରଖାନାକୁ ପ୍ରାୟ ୧୩ କୋଟି ଟଙ୍କାର ବିଲ୍ ଆସିଥାଏ। ବକେୟା ବିଲ ପୈଠ ନ କରିବାରୁ କାରଖାନାକୁ ବିଦ୍ୟୁତ୍ କାଟି ଦିଆଯାଇଥିବା କାରଖାନା କର୍ତ୍ତୃପକ୍ଷ ସ୍ୱୀକାର କରିଛନ୍ତି। ମାଇନ୍ସ ଅଭାବ କାରଣରୁ କାରଖାନାର ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଅନ୍ୟପକ୍ଷରେ ବାଲେଶ୍ୱର ଆଲଏଜ କାରଖାନାରେ ଦୀର୍ଘ ୧୫ରୁ ୨୦ ବର୍ଷ ଧରି କାମ କରୁଥିବା ଶ୍ରମିକଙ୍କୁ ଛଟେଇ କରାଯାଉଥିବା ଏବଂ ନିୟମାନୁଯାୟୀ ୩ବର୍ଷରେ ଥରେ ନୂଆ ଚୁକ୍ତିନାମା କାର୍ଯ୍ୟକାରୀ କରାଯାଉ ନ ଥିବାରୁ ଏହାର ପ୍ରତିବାଦ କରି ଇସ୍ପାତ ଆଲଏଜ ଏମ୍ପ୍ଲୋୟିଜ୍ ୟୁନିୟନ ପକ୍ଷରୁ ମଙ୍ଗଳବାର କାରଖାନା ସମ୍ମୁଖରେ ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରମିକମାନେ ୟୁନିୟନ ସଭାପତି ସୁଧୀର ମଙ୍ଗରାଜଙ୍କ ନିକଟରେ ସେମାନଙ୍କ ଦାବି ଉପସ୍ଥାପନ କରିଥିଲେ। ପରେ ମଙ୍ଗରାଜଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କାରଖାନା ନିର୍ଦ୍ଦେଶକ ଏବଂ ସିଏସ୍‌ଆର୍ ମୁଖ୍ୟଙ୍କୁ ଭେଟି ସମ୍ପୃକ୍ତ ବିଷୟ ଉପରେ ଆଲୋଚନା କରିଥିଲେ। କାରଖାନା କର୍ତ୍ତୃପକ୍ଷ ଠିକାଦାରଙ୍କ ଅଧୀନରେ କାମ କରୁଥିବା ଅଭିଜ୍ଞ ଶ୍ରମିକଙ୍କୁ ଛଟେଇ କରି ନୂଆ ଶ୍ରମିକଙ୍କୁ ନିଯୁକ୍ତି ଦେଉଥିବାରୁ ୟୁନିୟନ୍ ପକ୍ଷରୁ ପ୍ରତିବାଦ କରାଯାଇଥିଲା। ତେବେ ନିୟମାନୁଯାୟୀ ପଦକ୍ଷେପ ନିଆଯିବ ବୋଲି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିବା ମଙ୍ଗରାଜ ସୂଚନା ଦେଇଛନ୍ତି।


କାରଖାନା ସମ୍ମୁଖରେ ଅନୁଷ୍ଠିତ ବୈଠକରେ ୟୁନିୟନର କର୍ମକର୍ତ୍ତା।

# ସ୍ତ୍ରୀଙ୍କ ଶବଦାହ ବେଳେ ସ୍ୱାମୀଙ୍କ ପ୍ରାଣ ଗଲା

**ରସାଲପୁର,୩।୧୦(ଡି.ଏନ.ଏ.)**

ଶ୍ମଶାନରେ ସ୍ତ୍ରୀଙ୍କ ଶବଦାହ କରୁଥିବା ବେଳେ ସ୍ୱାମୀଙ୍କ ପ୍ରାଣ ଯିବା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ଏପରି ଘଟଣା ଘଟିଛି ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ବଣପାରିଆ ଗ୍ରାମରେ। ସୁରେନ୍ଦ୍ର ମଲ୍ଲିକ (୬୫)ଙ୍କ ସ୍ତ୍ରୀ ଅପର୍ତ୍ତିଙ୍କ ଶବ ଦାହ କରୁଥିବା ବେଳେ ପ୍ରାଣ ହରାଇବାରୁ ଏହାକୁ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ବୁଧବାର ରାତି ଉଭୟ ଦମ୍ପତି ଖାଇପିଇ ଶୋଇଥିଲେ। ଗୁରୁବାର ପୂର୍ବାହ୍ନରେ ଅପର୍ତ୍ତି ନ ଉଠିବାରୁ ପରିବାର ଲୋକେ ତାଙ୍କୁ ଡାକିଥିଲେ। ତେବେ ସେ ନ ଶୁଣିବାରୁ ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନିଆଯାଉଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଶବ ଦାହ ଗାଁ ଶ୍ମଶାନରେ ଚାଲିଥିବା ବେଳେ ସ୍ୱାମୀ ସୁରେନ୍ଦ୍ର ସେଠାରେ ଅଚେତ୍ ହୋଇ ପଡ଼ିଯାଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ହୃଦ୍‌ଘାତରେ ମୃତ୍ୟୁକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ବେଆଇନ କରତକଳରେ ଚଢ଼ାଉ

# ୮ଲକ୍ଷ ଟଙ୍କାର ଯନ୍ତ୍ରାଂଶ, କାଠ ଜବତ


ବନ ବିଭାଗ ଅଧିକାରୀମାନେ ଏକ ସ'ମିଲ୍‌ରେ ଚଢ଼ାଉ କରୁଛନ୍ତି।

**ରୂପ୍‌ସା, ୩।୧୦(ଡି.ଏନ.ଏ.)**

ବାଲେଶ୍ୱର ବନ ବିଭାଗ ଏବେ ବେଆଇନ ଭାବେ ଚାଲିଥିବା କରତକଳଗୁଡିକରେ ଲଗାମ ଲଗାଇବାକୁ ଉଦ୍ୟମ ଆରମ୍ଭ କରିଛି। ୫ଦିନ ମଧ୍ୟରେ ଜିଲାର ବିଭିନ୍ନ ବ୍ଲକର ୭ଟି କରତକଳରେ ଚଢ଼ାଉ କରି ୨୦ଲକ୍ଷ ଟଙ୍କାର ମିଲ୍ ଯନ୍ତ୍ରାଂଶ ଓ ମୂଲ୍ୟବାନ କାଠ ଜବତ କରିଛି। ଏହାସହ ୧୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ମଧ୍ୟ ସଫଳ ହୋଇଛି। ତେବେ କରତକଳ ମାଲିକ ଓ ଚୋରା କାଠ ମାଫିଆଙ୍କ ମଧ୍ୟରେ ଏକରକମ ଛନ୍‌କା ପଶିଯାଇଥିବା ଚର୍ଚ୍ଚା ହେଉଛି।

ଡିଏଫ୍‌ଓ ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ବାଲେଶ୍ୱର ରେଞ୍ଜ ଅଫିସର ଦେବେନ୍ଦ୍ର ନାଥ ପାତ୍ର, ଭିଜିଲାନ୍ସ ରେଞ୍ଜ ଅଫିସର ଶ୍ୟାମ ସିଂ, ଫରେଷ୍ଟର ବିବେକାନନ୍ଦ ଜେନା ଓ ଜିତେନ୍ଦ୍ର କୁମାର ରାଉତ ପ୍ରମୁଖ ସଦଳବଳ ସଦର ଥାନା ଅନନ୍ତପୁର ଗ୍ରାମର ନୟନ କୁମାର ବିଶ୍ୱାଳ, ରୂପ୍‌ସା ଥାନା ଜାମୁନିଆ ଗ୍ରାମରେ ଥିବା ମଦନ ସିଂ ଓ ମାଧବାନନ୍ଦ ଦାସଙ୍କ ବେଆଇନ କରତକଳ ଉପରେ ଚଢ଼ାଉ କରିଥିଲେ। ୨ କରତକଳରୁ ୮ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଓ ବହୁ ମୂଲ୍ୟବାନ କାଠ ଜବତ ହୋଇଥିଲା। ମାତ୍ର ମାଲିକମାନେ ଫେରାର ହୋଇଯାଇଥିଲେ। ସେମାନଙ୍କୁ ତୁରନ୍ତ ଗିରଫ କରାଯିବାକୁ ବିଭାଗୀୟ ପ୍ରକ୍ରିୟା ଜାରି ରହିଛି ବୋଲି ରେଞ୍ଜ ଅଫିସର ପାତ୍ର କହିଛନ୍ତି।

**୫ ଦିନରେ ୧୨ ଅଭିଯୁକ୍ତ ଗିରଫ**

ଗତ ସେପ୍ଟେମ୍ବର ୨୯ ତାରିଖରେ ଭୋଗରାଇ ବ୍ଲକ ଅଞ୍ଚଳରେ ୪ଟି କରତକଳରେ ଚଢ଼ାଉ ହୋଇଥିଲା। ୧୧ଲକ୍ଷ ଟଙ୍କାର କାଠ ଓ ଯନ୍ତ୍ରାଂଶ ଜବତ ହେବା ସହ ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ସେହିପରି ୩୦ ତାରିଖରେ ବାଲିଆପାଳ ବ୍ଲକ ଅଞ୍ଚଳର ଗୋଟିଏ ସ'ମିଲ୍‌ରେ ଚଢ଼ାଉ କରାଯାଇ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ସେଠାରୁ ୧ଲକ୍ଷ ଟଙ୍କାର କାଠ ଓ ଯନ୍ତ୍ରାଂଶ ଜବତ ହୋଇଥିଲା। ବନ ବିଭାଗର ଏଭଳି ଲଗାତର ଚଢ଼ାଉ କରାଯିବାକୁ ସାଧାରଣରେ ପ୍ରଶଂସା କରାଯାଇଛି।


କୁପାରୀ ଡଃ ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ଅନୁଷ୍ଠିତ ସଭାରେ ଉପସ୍ଥିତ ଅତିଥି।

# କୁପାରୀ, ନହଙ୍ଗ, ଗରସଙ୍ଗ କଲେଜରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ଖଇରା, ୩।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନରେ ଥିବା ବିଭିନ୍ନ କଲେଜର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଓ ସ୍ୱଚ୍ଛ ଭାରତ ସମ୍ପର୍କିତ ସଚେତନତା ରାଲି ଓ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। କୁପାରୀ ଡଃ ହରେକୃଷ୍ଣ ମହତାବ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ପଞ୍ଚାନନ ଲେଙ୍କାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବକ୍ତାମାନେ ରାଜନୈତିକ, ଐତିହାସିକ ଓ ଶୈକ୍ଷିକ ଦୃଷ୍ଟିକୋଣରୁ ମହାତ୍ମା ଗାନ୍ଧୀଙ୍କ ଅବଦାନ ତଥା ସ୍ୱଚ୍ଛ ଭାରତ ଗଠନ ଉପରେ ଗାନ୍ଧୀଙ୍କ ଆଭିମୁଖ୍ୟ ଆଲୋକପାତ କରିଥିଲେ। ଅଧ୍ୟାପିକା ଚନ୍ଦନା ଘଡେଇ, ଶୁଭଶ୍ରୀ ପରିଡା, ଅଧ୍ୟାପକ ବିନୋଦ ବିହାରୀ ନାୟକ, ଯୁଧିଷ୍ଠିର କୁଅଁର, ଗୋପୀନାଥ ପାତ୍ର, ଦୀପକ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେହିଭଳି ନହଙ୍ଗସ୍ଥିତ ପଞ୍ଚାୟତ ସମିତି କନିଷ୍ଠ ମହିଳା ମହାବିଦ୍ୟାଳୟରେ ଯୋଜନା ଅଧିକାରିଣୀ ଜ୍ୟୋତ୍ସ୍ନାବାଳା ଦାସଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ କଲେଜ ସଂଲଗ୍ନ ବିଭିନ୍ନ ରାସ୍ତାରୁ ଆବର୍ଜନା ସଫା କରିଥିଲେ। ପରେ ଅଧକ୍ଷା ଅନିତାରାଣୀ ନାୟକଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହାଛଡା ଗରସଙ୍ଗସ୍ଥିତ ଜମ୍ବେଶ୍ୱର ମହାବିଦ୍ୟାଳୟର ଯୋଜନା ଅଧିକାରୀ ରାଜେନ୍ଦ୍ର ବେହେରା ଓ ମଧୁସ୍ମିତା ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ସଫେଇ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ପରେ ଇଂଲିଶ ଅଧ୍ୟାପକ ମାନସ ରଞ୍ଜନ ମହାପାତ୍ରଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପିଲାମାନଙ୍କ ମଧ୍ୟରେ ଏକ ତର୍କ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

### ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

# ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

**ରୂପ୍‌ସା, ୩।୧୦(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ କୁରାଡ଼ିହା ପଞ୍ଚାୟତ କୋଇଲିସାହି ଗ୍ରାମର ରାମଚନ୍ଦ୍ର ଦାସଙ୍କ ସ୍ତ୍ରୀ କୁନିଲତା (୨୩) ବୁଧବାର ଫାଶୀ ଦେଇ ମୃତ୍ୟୁ ହେବା ଘଟଣା ଭିନ୍ନମୋଡ଼ ନେଇଛି। ଝିଅକୁ ହତ୍ୟା କରାଯାଇଥିବା ନେଇ କୁନିଲତାଙ୍କ ବାପା ଯୋଗେନ୍ଦ୍ର ସେଠୀ ବସ୍ତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଗୁରୁବାର ଏକ ମାମଲା (ନଂ. ୨୮୭/୧୯) ରୁଜୁ ହୋଇଛି। ଆଇଆଇସି ଧନେଶ୍ୱର ସାହୁ କୁନିଲତାଙ୍କ ସ୍ୱାମୀ ରାମଚନ୍ଦ୍ରଙ୍କୁ ଗିରଫ କରିଛନ୍ତି। ଗତ ଜୁନ୍ ମାସରେ କୁନିଲତାଙ୍କ ସହ ରାମଚନ୍ଦ୍ରଙ୍କ ବିବାହ ହୋଇଥିଲା। ବିବାହର ୪ମାସ ମଧ୍ୟରେ କୁନିଲତାଙ୍କ ସ୍ୱାମୀ ରାମଚନ୍ଦ୍ର, ଦେଢ଼ଶୁର, ଯାଆ ଓ ଶ୍ୱଶୁର ବିଭିନ୍ନ ସମୟରେ ଯୌତୁକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା। ସେ ଶାଶୁ ଘରେ ଫାଶୀ ହୋଇ ମୃତ୍ୟୁବରଣ କରିଥିବା ଖବର ପ୍ରଚାରିତ ହେବା ପରେ ପୋଲିସ ପହଞ୍ଚି ଝୁଲନ୍ତା ମୃତଦେହ ଉଦ୍ଧାର କରିଥିଲା। ଝିଅର ସନ୍ଦେହଜନକ ମୃତ୍ୟୁକୁ ନେଇ ତାଙ୍କ ବାପା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଘଟଣାର ସତ୍ୟାସତ୍ୟ ଜାଣିବା ଲାଗି ପୋଲିସ ତଦନ୍ତ ଜାରି ରଖିଛି।



ବନ୍ଧୁମିଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଖବରକାଗଜ ବିତରକ ସଂଘ ପକ୍ଷରୁ ବନ୍ଧୁମିଳନ

**ବାଲେଶ୍ୱର ଅଫିସ, ୩।୧୦**

ବାଲେଶ୍ୱର ଖବରଦାତା ବିତରକ ସଂଘ ପକ୍ଷରୁ ଏକ ଘରୋଇ ହୋଟେଲ ପରିସରରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ବିତରକମାନଙ୍କୁ କାର୍ଯ୍ୟକୁପ୍ରଶଂସା କରିବା ସହ ସେମାନଙ୍କର ଅସୁବିଧା, ସୁବିଧାରେ ସାଥୀ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିଳ୍ପଦ୍ୟୋଗୀ ସଂଗ୍ରାମ ଦାସ, ବରିଷ୍ଠ ଖବରଦାତା ମଧୁସୂଦନ ଦାଶ ଓ ବିରଞ୍ଚି ପାଢ଼ୀ ଯୋଗଦେଇ ବିତରକଙ୍କୁ ଉତ୍ସାହିତ କରିଥିଲେ।

ସଭାପତି ଅରୁଣ କୁମାର ସ୍ୱାଇଁ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଅନିରୁଦ୍ଧ ଲେଙ୍କା ସଂଘର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଦସ୍ୟ ଅଭୟ କୁମାର ପ୍ରଧାନ, ଯୋଗେନ୍ଦ୍ର ତପସ୍ୱୀ, ଗୌର ଗୋପାଳ ଦାସ, କରୁଣାକର ରାଉତ, ଶ୍ରୀକାନ୍ତ କୁଅଁର, ଶଶିକାନ୍ତ କୁଅଁର, ରତିକାନ୍ତ ରାଉତ, ଅଜୟ ଲେଙ୍କା, ବିଜୟ କୁମାର ସେନ, କମଳଲୋଚନ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅବକାରୀ ଚଢ଼ାଉ, ୭ ଗିରଫ

**ଭୋଗରାଇ/ଜଳେଶ୍ୱର, ୩।୧୦(ଡି.ଏନ.ଏ.)**

ଦୁର୍ଗାପୂଜାକୁ ନଜରରେ ରଖି ଜିଲା ଅବକାରୀ ଏସ୍‌ପି ବିବେକାନନ୍ଦ ନାୟକଙ୍କ ନିର୍ଦ୍ଦେଶକ୍ରମେ ଜଳେଶ୍ୱର ଓ ଭୋଗରାଇ ଅବକାରୀ ଥାନା ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଗୁରୁବାର ଚଢାଉ କରାଯାଇ ୬୭ ଲିଟର ମଦ ଜବତ କରାଯାଇଛି। ଏଥିରେ ୩ ମହିଳାଙ୍କ ସମେତ ୭ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଉମେଶ ଜେନା, ଚେମି ସିଂ, ମିଲି ସିଂ, ରାମଚନ୍ଦ୍ର ମାରାଣ୍ଡି, ରାଣୀ ସୋରେନ, କାଲୁ ହାଁସଦା, ରମେଶ ଚନ୍ଦ୍ର ମଣ୍ଡଳ। ଚଢାଉରେ ଅବକାରୀ ଥାନା ଓଆଇସି ହରପ୍ରସାଦ ରଣା, ଏଏସ୍‌ଆଇ ଦୋଳଗୋବିନ୍ଦ ଧଳ, କନଷ୍ଟେବଳ ରାଜୀବ କୁମାର ଭଞ୍ଜ ପ୍ରମୁଖ ସାମିଲ୍ ଥିଲେ।

# 'ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ'

**ଜଳେଶ୍ୱର, ୩।୧୦**



ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥି।

ଜଳେଶ୍ୱର ବ୍ଲକ ବରଡ଼ିହା ପଞ୍ଚାୟତ ବାଖୁଡ଼ିପଦା ପ୍ରାଥମିକ ବିଦ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କର ୧୫୦ତମ ଜନ୍ମଦିବସ ପାଳନ କରାଯାଇଛି। ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ସଭାପତି ପ୍ରବୀର କୁମାର ବାରିକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଗାନ୍ଧିଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହାପରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିସରରେ ସଫେଇ, ବୃକ୍ଷରୋପଣ କରାଯିବା ସହ ବରଡିହା ପଞ୍ଚାୟତରେ ପ୍ରଭାତ ଫେରି କାର୍ଯ୍ୟକ୍ରମ କରାଯାଇ ଲୋକମାନଙ୍କୁ ସଚେତନ କରାଇଥିଲେ।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

# ଗ୍ରାମାଞ୍ଚଳର ବିକାଶ, ନାରୀ ସଶକ୍ତୀକରଣ ଲକ୍ଷ୍ୟ

**ବାଲେଶ୍ୱର ଅଫିସ, ୩।୧୦**

ବାଲେଶ୍ୱର ଜିଲା ବିଜେଡି ପକ୍ଷରୁ ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀଠାରୁ ଅକ୍ଟୋବର ୧୧ତାରିଖ ଜୟପ୍ରକାଶ ଜୟନ୍ତୀ ପର୍ଯ୍ୟନ୍ତ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ସିନେମା ଛକସ୍ଥିତ ଶହୀଦ ପାର୍କରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ପଦଯାତ୍ରାର ଶୁଭାରମ୍ଭ ହୋଇ ଫାଣ୍ଡି ଛକ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଶେଷ ହୋଇଥିଲା। ଏଥିସହିତ ଫକୀରମୋହନ ଗୋଲେଇରେ ଥିବା ଫକୀରମୋହନଙ୍କ ପ୍ରତିମୂର୍ତ୍ତି, ଗୋପବନ୍ଧୁ ପାର୍କରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି, ଷ୍ଟେଶନ ରାସ୍ତାରେ ପୂର୍ବତନ ରାଷ୍ଟ୍ରପତି ଅବଦୁଲ କଲାମ ଓ ଡିଆଇସି ଛକରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଥିଲା।

ଜିଲାର ୮ଟି ନିର୍ବାଚନମଣ୍ଡଳୀ, ବ୍ଲକ, ପୌରପରିଷଦ ଓ ଏନଏସିରେ ପଦଯାତ୍ରା ଅନୁଷ୍ଠିତ ହେବ। ଏହି ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ହେଲା ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଗ୍ରାମାଞ୍ଚଳରେ ବିକାଶ କରିବା ଓ ମହିଳା ସଶକ୍ତୀକରଣ କରିବା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକୁ ଘରେ ପହଞ୍ଚାଇବା ସହ ବିକାଶର ବାର୍ତ୍ତା ଦେବା ଓ ନୂଆ ଓଡ଼ିଶା ଗଠନ କରିବାକୁ ସଂକଳ୍ପ ନେବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହାସହିତ ବିଜେଡିର ସଦସ୍ୟତା ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିବା ଲାଗି ମହିଳା, ଯୁବକ ଓ ଛାତ୍ରସମାଜକୁ ଦଳରେ ସାମିଲ କରିବାକୁ ବିଜେଡି ଜିଲା ସଭାପତି ତଥା ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ୧୦ଦିନ ଧରି ଚାଲିବ। ପଦଯାତ୍ରାରେ ଭୋଗରାଇ ବିଧାୟକ ଅନନ୍ତ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ସଦର ବିଧାୟକ ଜୀବନପ୍ରଦୀପ ଦାଶ, ବିଜେଡ଼ି ରାଜ୍ୟ ସମ୍ପାଦକ ଶ୍ୟାମାପ୍ରସାଦ ବେହେରା, ନୀଳଗିରି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ, ବିଜୁ ଶ୍ରମିକ ସାମ୍ମୁଖ୍ୟର ଜିଲା ସଭାପତି ତଥା ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଜିଲା ମହିଳା ସଭାପତି ବିନ୍ଦୁବାଳା ନନ୍ଦୀ, ଜିଲା ଯୁବ ସଭାପତି ଶୁଭେନ୍ଦୁ ମଙ୍ଗରାଜ ପ୍ରମୁଖ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦର ବ୍ଲକ ସଭାପତି ନାରାୟଣ ପ୍ରଧାନ, ଟାଉନ ସଭାପତି ସ୍ୱରୂପ କୁମାର ଦାସ, ଛାତ୍ର ସଭାପତି ସିମନ ଦାସମହାପାତ୍ର, ସଂଖ୍ୟାଲଘୁ ସେଲ୍ ସଭାପତି ସେକ ଉମରଉଦ୍ଦିନ, ଜିଲା ଅନୁସୂଚିତ ଜାତି ସଭାପତି ଶତ୍ରୁଘ୍ନ ମଲ୍ଲିକ, କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ, ପୂର୍ବତନ ପୌରାଧକ୍ଷ ଆଲୋକ କୁମାର ସାହୁ, ଜିଲା କମିଟି ଉପସଭାପତି ଭୁବନାନନ୍ଦ ଦାସ, ପୂର୍ବତନ ବ୍ରିଟ୍ ଅଧକ୍ଷ ଗୌରୀକୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ।


ପଦଯାତ୍ରାରେ ସାମିଲ୍ ହୋଇଥିବା ବିଜେଡି ନେତୃବୃନ୍ଦ।

# କୁପାରୀ ଅମ୍ବିକାରୁ ଭାଜପାର ପଦଯାତ୍ରା

**ଖଇରା, ୩।୧୦(ଡି.ଏନ.ଏ.)**

ସିମୁଳିଆ ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ପଦଯାତ୍ରା ବୁଧବାର ଖଇରା ବ୍ଲକ କୁପାରୀଠାରେ ଅନୁଷ୍ଠିତ ହୋଇଯାଇଛି। ୧ହଜାରରୁ ଊର୍ଦ୍ଧ୍ୱ କର୍ମୀଙ୍କର ଏକ ଶୋଭାଯାତ୍ରା ଅମ୍ବିକା ମନ୍ଦିରରୁ ବାହାରି ସିମୁଳିଆ ହାଇସ୍କୁଲ ପଡିଆରେ ପହଞ୍ଚିଥିଲା। ସେଠାରେ କୁପାରୀ ମଣ୍ଡଳ ସଭାପତି ଗଜେନ୍ଦ୍ର ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଏକ ସଭା ଆୟୋଜିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଯଯାତି ଦାସ, ପୂର୍ବତନ ଜିଲା ସଭାପତି ଲମ୍ବୋଦର ନାୟକ, ଖଇରା ମଣ୍ଡଳ ସଭାପତି ନିରଞ୍ଜନ ବେହେରା, ବରିଷ୍ଠ ନେତା ସନ୍ତୋଷ ଶତପଥି ଯୋଗଦେଇ ସ୍ୱଚ୍ଛ ଭାରତ ଏକ ଐତିହାସିକ ପଦକ୍ଷେପ ବୋଲି କହିଥିଲେ। ନନ୍ଦୁର ସରପଞ୍ଚ ସୁରେନ୍ଦ୍ର ନାୟକ, ଗୋବର୍ଦ୍ଧନ ପାଇକରାୟ, ସୁଲୋଚନା ରାଉତରାୟ, ଜ୍ୟୋତ୍ସ୍ନାବାଳା ଦାସ, ଆନନ୍ଦ ନାୟକ, ସୁଦର୍ଶନ ମହାପାତ୍ର, ପତିତପାବନ କର, ଭରତ ମହାନ୍ତି ପ୍ରମୁଖ ଯୋଗ ଦେଇ ଦୁର୍ନୀତିଗ୍ରସ୍ତ ବିଜେଡି ସରକାରଙ୍କ ପତନ କରାଯିବାର ସମୟ ଆସିଛି ବୋଲି ପ୍ରକାଶ କରିଥିଲେ।


ସିମୁଳିଆ ଅଭିମୁଖେ ବାହାରିଥିବା ଭାଜପାର ପଦଯାତ୍ରା।

## ସଂକ୍ଷେପରେ

### ମେଲାଣି ନେଲେ ଟୋକା ଗଣେଶ



**ଭଦ୍ରକ ଅଫିସ, ୩।୧୦:** ଭଦ୍ରକରେ କ୍ରମାନ୍ୱୟରେ ବୁଢା, ଛୁଆ, କାଞ୍ଚନ ଓ ପିଲା ଗଣେଶଙ୍କ ଭସାଣି ସରିଥିବା ବେଳେ ବୁଧବାର ସନ୍ଧ୍ୟାରେ ଟୋକା ଗଣେଶ ବିଦାୟ ନେଇଛନ୍ତି। ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ସ୍ଥାୟୀ ମଣ୍ଡପରୁ ସ୍ୱତନ୍ତ୍ର ରୋଶଣି ସହ ଗଣେଶଙ୍କୁ ଶୋଭାଯାତ୍ରାରେ ନିଆଯାଇଥିଲା। ଜିଲା ଓ ଜିଲା ବହାରର ବିଭିନ୍ନ ବାଦ୍ୟ ଭସାଣି ଉତ୍ସବରେ ସାମିଲ ହୋଇଥିବା ବେଳେ କଲିକତାରୁ ଆସିଥିବା ଡିଜେ ଉତ୍ସବର ଶୋଭାକୁ ଦ୍ୱିଗୁଣିତ କରିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ମହିଳା ଓ ପୁରୁଷ ଶୋଭାଯାତ୍ରାକୁ ଉପଭୋଗ କରିଥିଲେ। ପ୍ରତି ଛକରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ମଧ ଉତ୍ସବର ମଜା ନେଉଥିବା ଦେଖିବାକୁ ମିଳିଥିଲା। ଶୋଭାଯାତ୍ରାକୁ ନିୟନ୍ତ୍ରଣରେ ରଖିବା ପାଇଁ ଏସ୍‌ପି ରାଜେଶ ପଣ୍ଡିତଙ୍କ ନେତୃତ୍ୱରେ ସହରର ପ୍ରମୁଖ ରାସ୍ତାରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

### ଜନସମ୍ପର୍କ ପଦଯାତ୍ରା

**ତିହିଡ଼ି, ୩।୧୦ (ଡି.ଏନ.ଏ.):** ଧାମନଗର ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକର ୧୩ ପଞ୍ଚାୟତକୁ ନେଇ ଗୁରୁବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦୋଲସାହି ଗୋରୁହାଟଠାରୁ ଦଳୀୟ ନେତା ଓ କର୍ମୀମାନେ ପଦଯାତ୍ରାରେ ବାହାରି ଦୋଲସାହି ଏବଂ ଗୁଆମାଳ ପଞ୍ଚାୟତ ପରିକ୍ରମା କରି ବିଶ୍ୱନାଥପୁରଠାରେ ପହଞ୍ଚିଥିଲେ। ସେମାନେ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଏଥିସହ ଦଳ ଓ ସରକାରଙ୍କ ନୀତି ଆଦର୍ଶ, ସଫଳତା ଏବଂ ଓଡ଼ିଶାର ପ୍ରଗତି ସମ୍ପର୍କରେ ସେମାନେ କହିଥିଲେ। ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ବ୍ଲକ ଅଧକ୍ଷା ବିଦ୍ୟୁତଲତା ନାୟକ, କାର୍ଯ୍ୟକାରୀ ସଭାପତି କମଳାକାନ୍ତ ଭୋଇ, ଏମ୍‌ପିଙ୍କ ପ୍ରତିନିଧି ହରେକୃଷ୍ଣ ଜେନା, ଜିଲାପରିଷଦ ସଭ୍ୟ ଚିନ୍ତାମଣି ଦାସ ଓ କମଳାକାନ୍ତ ଦାସ, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ନାୟକ, ସରପଞ୍ଚ ଶଶଧର ସାମଲ, ପ୍ରଦୀପ ପଣ୍ଡା, ଶରତ ମଲିକ ଓ ମିନତିଲତା ଦାସ, ପୂର୍ବତନ ଜିଲାପରିଷଦ ସଭ୍ୟ ଦେବେନ୍ଦ୍ର ପୁହାଣ, ସରପଞ୍ଚଙ୍କ ପ୍ରତିନିଧି ଯତିନ୍ଦ୍ର ବେହେରା ଓ ଆଦିତ୍ୟ ଜେନା, ଯୁବନେତା ଶରତ ଦାସ, ବିଶ୍ୱଜିତ୍ ବେହେରା ପ୍ରମୁଖ ପଦଯାତ୍ରାରେ ସାମିଲ ଥିଲେ।

## ଅନନ୍ୟ ପ୍ରତିଭା ସୁବାସ

# କଳା ସଂଘର୍ଷ ନୁହେଁ, ଜୀବନ

**ଅଜିତ ରାଉତ**
**ଧାମନଗର,୩।୧୦(ଡି.ଏନ.ଏ.)**

ଆଞ୍ଚଳିକ ଲୋକକଳା ଆଜି ବି ଗ୍ରାମାଞ୍ଚଳରେ ଜିଇ ରହିଛି। ଅନେକ ଗ୍ରାମୀଣ ପ୍ରତିଭା ରହିଛନ୍ତି। ବିଭିନ୍ନ ଲୋକକଳାକୁ ଲୋକଲୋଚନକୁ ଆଣିବା ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଦର ଭାବନା ସୃଷ୍ଟି ଲାଗି ଗ୍ରାମାଞ୍ଚଳରେ ସଙ୍ଗୀତ ଶିକ୍ଷା ପ୍ରସାର ଲକ୍ଷ୍ୟରେ ସଂସ୍କୃତି ଗବେଷକ, ତବଲା ଗୁରୁ ସୁବାସ ଚନ୍ଦ୍ର ମଲ୍ଲିକ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି। କଳାକୁ ନେଇ ବଞ୍ଚିବା କଷ୍ଟକର ବୋଲି ଧାରଣା କରି ଯୁବପିଢି ସମ୍ପ୍ରତି ଏହାଠାରୁ ଦୂରେଇ ଯାଉଛନ୍ତି। କିନ୍ତୁ କଳା ସଂଘର୍ଷ ନୁହେଁ, ଜୀବନ। ଏଣୁ ଲୋକକଳାର ବିକାଶ ଲାଗି କାର୍ଯ୍ୟ କରି ସେ ଜୀବନର ଅଧିକାଂଶ ସମୟ ଅତିବାହିତ କରି ପାରିଥିବା କହିଛନ୍ତି।

ବହୁମୁଖୀ କଳାପ୍ରତିଭାର ଅଧିକାରୀ ସୁବାସଙ୍କ ଘର ଭଦ୍ରକ ଜିଲା ଧାମନଗର ବ୍ଲକ କମାରବନ୍ଧ ଗ୍ରାମରେ। କେବଳ ନିଜ ଜିଲା ନୁହେଁ ରାଜ୍ୟ ଓ ରାଜ୍ୟ ବାହାରେ କଳା ପ୍ରଦର୍ଶନ କରି ସଙ୍ଗୀତ ଜଗତର ଜଣେ ଚର୍ଚ୍ଚିତ ଚେହେରା ସେ ପାଲଟିଛନ୍ତି। ସେ ତବଲାରେ ଚଣ୍ଡିଗଡ଼ ପ୍ରାଚୀନ କଳାକେନ୍ଦ୍ରର ଏମ୍ ମିଉଜ କରିବା ସହ ଜଣେ ସଂସ୍କୃତି ଗବେଷକ ଭାବେ ସତ୍ୟପୀର ପାଲା ଉପରେ ଗବେଷଣା କରି ଆସିଛନ୍ତି। ଏହି ପାଲା ୪ଶହ ବର୍ଷର ଭାଇଚାରା ନିଦର୍ଶନର ପ୍ରତୀକ ବୋଲି ସେ କହନ୍ତି। ଜଣେ ଲୋକ ବାଦ୍ୟକାର ଭାବେ ସେ ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ରହି ବହୁ ପୁରସ୍କାର ଓ ସମ୍ମାନ ଲାଭ କରିଛନ୍ତି। ଲୋକବାଦ୍ୟ ନିମନ୍ତେ ତାଙ୍କୁ ମିଳିଛି ଓଡ଼ିଶା ସଂଗୀତ ନାଟକ ଏକାଡେମୀ ସମ୍ମାନ।



ସୁବାସ ମଲ୍ଲିକ।

ସେହିପରି ରାଜ୍ୟସ୍ତରରେ ବିଭିନ୍ନ ସୁନାମଧନ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ମାନ ଓ ପୁରସ୍କାର ପାଇବା ସହ ଆନ୍ଧ୍ରପ୍ରଦେଶ ଗାରିଭିଡିରେ ଜାତୀୟସ୍ତରୀୟ ବହୁ ଭାଷା ନାଟକ ପ୍ରତିଯୋଗିତା, ଛତିଶଗଡ଼ ଅଖିଳ ଭାରତୀୟ ପାରମ୍ପରିକ ନୃତ୍ୟ ମହୋତ୍ସବ ଏବଂ କେନ୍ଦ୍ର ସରକାରଙ୍କ ଯୁବ ଓ କ୍ରୀଡ଼ା ମନ୍ତ୍ରଣାଳୟ ଯୁବ ମହୋତ୍ସବରେ ସମ୍ମାନିତ ହୋଇଛନ୍ତି। ୨୦୧୧ରେ କୋଲକାତାର ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ପୂର୍ବାଞ୍ଚଳ ସଂସ୍କୃତି କେନ୍ଦ୍ର ଦ୍ୱାରା ପ୍ରାୟୋଜିତ ଗୁରୁ ଶିଷ୍ୟ ପରମ୍ପରା ସ୍ୱତନ୍ତ୍ର ତାଲିମ ନେଇ ଗବେଷଣା ଜାରି ରଖିଛନ୍ତି। ଜଣେ ଚିତ୍ରକାର ଭାବେ ଆନ୍ଧ୍ରର ପ୍ରଶାନ୍ତି ନିଲୟମ୍‌ରେ ପର୍ତୀ ଯାତ୍ରାରେ ଜଗନ୍ନାଥ ମହାପ୍ରଭୁଙ୍କ ମୂର୍ତ୍ତି ତିଆରି କରି ସର୍ବଶ୍ରେଷ୍ଠ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଅଧୁନା ଭଦ୍ରକ ଫେକର କମ୍ପାନୀରେ ସେ ଚାକିରି କରିବା ସହିତ ଧାମନଗର ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ଭାବେ କାର୍ଯ୍ୟ କରୁଛନ୍ତି। ଜିଲାରେ ଦୁଃସ୍ଥ କଳାକାରଙ୍କୁ ଚିହ୍ନଟ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ବିଭିନ୍ନ ପ୍ରତିଯୋଗିତାରେ ଜଣେ ଦକ୍ଷ ବିଚାରକ ଭାବେ ସେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି।

## ମହାଲକ୍ଷ୍ମୀ ବେଶରେ ମା'



ଆରଡ଼ି ଆଖଣ୍ଡଳମଣି ପୀଠରେ ଗୁରୁବାର ମା' ଦୁର୍ଗାଙ୍କ ମହାଲକ୍ଷ୍ମୀ ବେଶ।

## ବିଏସ୍‌ଏନ୍‌ଏଲ୍ ଠିକା କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି



କାର୍ଯ୍ୟାଳୟ ସମ୍ମୁଖରେ ଠିକା କର୍ମଚାରୀମାନେ ଧାରଣାରେ ବସିଛନ୍ତି।

**ଭଦ୍ରକ ଅଫିସ, ୩।୧୦**

ବିଏସ୍‌ଏନ୍‌ଏଲ୍ ଭଦ୍ରକ ଶାଖା ଅଧୀନରେ କାର୍ଯ୍ୟରତ ପ୍ରାୟ ୫୦ ଠିକା କର୍ମଚାରୀ ଗତ ୧ ତାରିଖଠାରୁ ଆରମ୍ଭ କରିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ସେମାନେ ବନ୍ତ ଛକ ନିକଟସ୍ଥ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ସେମାନଙ୍କୁ ୯ ମାସର ବକେୟା ଦରମା ଠିକାଦାର ପ୍ରଦାନ କରି ନ ଥିବା ଓ ମାସରେ ୨୬ ଦିନ ବଦଳରେ ୧୬ ଦିନ କାମ କରିବାକୁ ନିର୍ଦ୍ଦେଶ ଦେଇଥିବାରୁ କର୍ମଚାରୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ମାସରେ ୧୬ ଦିନ କାର୍ଯ୍ୟ କରି ଅନ୍ୟ ଦିନଗୁଡ଼ିକରେ ସେମାନେ କାମ ନ ପାଇ ପାରିଶ୍ରମିକ ପାଇବେ ନାହିଁ ବୋଲି ଅଭିଯୋଗ କରିଛନ୍ତି। କର୍ମଚାରୀ ଜୟନ୍ତ କୁମାର ସେଠୀ, ଶରତ କୁମାର ନାୟକ, ଅକ୍ଷୟ ନାୟକ, ପ୍ରଦୀପ ବାରିକ, ନିର୍ମଳ ପାଢୀ, ସୁଶାନ୍ତ ମିଶ୍ର, ରମାକାନ୍ତ ରାଉତ, ମହେନ୍ଦ୍ର ସୂତାର, ଅଭିମନ୍ୟୁ ବେହେରା ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଭଦ୍ରକ ଜିଲାରେ ପ୍ରାୟ ୪ ହଜାର ଟେଲିଫୋନ ଗ୍ରାହକ ଥିବାବେଳେ ଏହି କର୍ମଚାରୀଙ୍କ ଆନ୍ଦୋଳନ କାରଣରୁ ଖରାପ ଥିବା ଟେଲିଫୋନ ଓ ବ୍ରଡବ୍ୟାଣ୍ଡ ହିତାଧିକାରୀ ନାନା ସମସ୍ୟା ଭୋଗୁଛନ୍ତି।

## ଜାତୀୟ ଜୁନିୟର ଟେନିସ୍ ବଲ୍ ପ୍ରତିଯୋଗିତା: ଭଦ୍ରକରୁ ୫ ସାମିଲ

**ଭଦ୍ରକ ଅଫିସ, ୩।୧୦**

ମହାରାଷ୍ଟ୍ରର ନାଗପୁରଠାରେ ଗତ ବୁଧବାରଠାରୁ ଆରମ୍ଭ ହୋଇଛି ୨୭ତମ ଜୁନିୟର ଟେନିସ୍ ବଲ୍ ପ୍ରତିଯୋଗିତା। ଏଥିରେ ଭାଗ ନେଇଥିବା ଓଡ଼ିଶା ଦଳରେ ଭଦ୍ରକ ଜିଲାରୁ ୩ ବାଳକ ଏବଂ ୨ ବାଳିକା ସ୍ଥାନ ପାଇଛନ୍ତି। ସେମାନେ ହେଲେ ଶ୍ରୀତମ୍ ମହାନ୍ତି, ଲକ୍ଷ୍ମୀଧର ମହାରଣା, ସମରେଶ ପାତ୍ର ଏବଂ ବାଳିକାଙ୍କ ମଧ୍ୟରେ ଅପର୍ଣ୍ଣାରାଣୀ ସାହୁ(ଓଡ଼ିଶା ଦଳର ଅଧିନାୟିକା), ଇତିଶ୍ରୀ ସେଠୀ। ଅପର୍ଣ୍ଣା ଭଦ୍ରକ ନୂଆବଜାର ସରସ୍ୱତୀ ଶିଶୁମନ୍ଦିରର ୧୦ମ ଶ୍ରେଣୀ ଛାତ୍ରୀ ଏବଂ କୁଶଗଡ଼ିଆ ଗ୍ରାମର ନାରାୟଣ ଚନ୍ଦ୍ର ସାହୁଙ୍କ ଝିଅ।

## ଦମ୍ପତିଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ପଠାଇ ବ୍ଲାକମେଲିଂ: ୨ ଗିରଫ

**ପଦ୍ମପୁର, ୩।୧୦ (ଡି.ଏନ.ଏ.)**

ଏକ ଦମ୍ପତିଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ପଠାଇ ବ୍ଲାକମେଲିଂ କରୁଥିବା ଅଭିଯୋଗରେ ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ଅଧୀନ କିସମତ କୃଷ୍ଣପୁର ଗ୍ରାମର ୨ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର କପିଳ ରାଉତ ଓ ସହଯୋଗୀ ମୃତ୍ୟୁଞ୍ଜୟ ନାୟକ। ଗୁରୁବାର ଅପରାହ୍ନରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଥାନାରେ ମାମଲା(ନଂ.୧୫୨/୧୯) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, କପିଳ ଓ ମୃତ୍ୟୁଞ୍ଜୟ ଉକ୍ତ ଦମ୍ପତିଙ୍କର ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ କୌଶଳ କ୍ରମେ ମୋବାଇଲରୁ ଟ୍ରାନ୍ସଫର କରି ନେଇଯାଇଥିଲେ। ପରେ ସେମାନେ ଭିଡିଓକୁ ହ୍ୱାଟସ୍‌ଆପ୍‌ରେ ଦମ୍ପତିଙ୍କୁ ପଠାଇ ଟଙ୍କା ଦେବାକୁ ମାନସିକ ଚାପ ପକାଇଥିଲେ। ଟଙ୍କା ନ ଦେଲେ ଉକ୍ତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଦେବେ ବୋଲି ବ୍ଲାକମେଲିଂ କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ଥାନାରେ ମାମଲା ରୁଜୁ ହୋଇଥିଲା। ଉକ୍ତ ଦମ୍ପତି ସେମାନଙ୍କର ସମ୍ପର୍କୀୟ ବୋଲି ଜଣାପଡ଼ିଛି। ଥାନାଧିକାରୀ ଉମାଶଙ୍କର ନାୟକ ଘଟଣାର ତଦନ୍ତ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲେ।

## ସବୁଜ ସାଥୀ ସାମ୍ମୁଖ୍ୟର ସେବା କାର୍ଯ୍ୟକ୍ରମ

**ଭଦ୍ରକ ଅଫିସ, ୩।୧୦**

ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ ଅବସରରେ ସବୁଜ ସାଥୀ ସାମ୍ମୁଖ୍ୟ ପକ୍ଷରୁ କୋରକୋରା ପଞ୍ଚାୟତ ନୂଆସାହି ଗ୍ରାମରେ ସ୍ୱଚ୍ଛତା, ପ୍ଲାଷ୍ଟିକ ବର୍ଜନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାମ୍ମୁଖ୍ୟର ସଭ୍ୟମାନେ ପରିବେଶ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ଲାଷ୍ଟିକ ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବର୍ଜନ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ଗ୍ରାମର ଶତାଧିକ ଲୋକଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା। ଭଦ୍ରକ କୃଷି ବିଭାଗର ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବନ୍ଧଟିଆକୁ ଲୋକକଳା ଗ୍ରାମ ମାନ୍ୟତା

**ଧାମନଗର, ୩।୧୦ (ଡି.ଏନ.ଏ.)**

ଧାମନଗର ବ୍ଲକ ବନ୍ଧଟିଆ ରାଜସ୍ୱ ଗ୍ରାମକୁ ବିଧିବଦ୍ଧ ଭାବେ 'ଲୋକକଳା ଗ୍ରାମ' ମାନ୍ୟତା ଦିଆଯାଇଛି। ଜିଲା ପ୍ରଶାସନ ଦ୍ୱାରା ଗାନ୍ଧୀ ଜୟନ୍ତୀରେ ଏହାକୁ ଲୋକାର୍ପଣ କରାଯାଇଛି। ବନ୍ଧଟିଆ ଭାଗବତ ଟୁଙ୍ଗିଠାରୁ ବିଶାଳ ରାଲିକୁ ଜିଲାପାଳ ଜ୍ଞାନରଞ୍ଜନ ଦାସ ଉଦ୍‌ଘାଟନ କରିଥିଲେ। ଘୋଡ଼ାନାଚ, ବାଡ଼ିଖେଳ, ଦାସକାଠିଆ, ସଂକୀର୍ତ୍ତନ ଓ ପାଲା ଦଳ ପଦଯାତ୍ରାରେ ସାମିଲ ହୋଇଥିଲେ। ବନ୍ଧଟିଆ ଗଣେଶ ମଣ୍ଡପରେ ଆୟୋଜିତ ଲୋକାର୍ପଣ କାର୍ଯ୍ୟକ୍ରମକୁ ଜିଲାପାଳ ଉଦ୍‌ଘାଟନ କରିଥିଲେ। ସାହିତ୍ୟିକ ହେମେନ୍ଦ୍ର ନାଥ ମହାନ୍ତିଙ୍କ ସଂଯୋଜନାରେ ମୁଖ୍ୟଅତିଥି ଜିଲାପାଳ ଦାସ ଓ ଉପଜିଲାପାଳ ପୀତାମ୍ବର ସାମଲ, ବିଡିଓ ଦୁର୍ଗାଚରଣ ମୁର୍ମୁ, ବ୍ଲକ କଳାକାର ସଂଘ ଉପସଭାପତି ସୁବାସ ଚନ୍ଦ୍ର ମଲ୍ଲିକଙ୍କ ଉପସ୍ଥିତିରେ ସଭା ହୋଇଥିଲା। ଗ୍ରାମ ଚିହ୍ନଟ ଓ ଗ୍ରାମବାସୀଙ୍କ ସହଯୋଗକୁ ଜିଲାପାଳ ପ୍ରଶଂସା କରିଥିଲେ। ପରେ ବିଭିନ୍ନ ସଙ୍ଗଠନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ସନ୍ଧ୍ୟାରେ ଅଧ୍ୟାପକ ଚିତ୍ତରଞ୍ଜନ ଦାସଙ୍କ ଅଧକ୍ଷତାରେ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁ ସେଠୀ ଲୋକାର୍ପଣ ଫଳକ ଉନ୍ମୋଚନ କରିଥିଲେ। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଜିଲା ସଂସ୍କୃତି ଅଧିକାରୀ ଗୋଲକ ବେହେରା, ବ୍ଲକ ଅଧକ୍ଷ ଅଶୋକ ନାୟକ, ଏମ୍‌ପିଙ୍କ ପ୍ରତିନିଧି ନାରାୟଣ ଚନ୍ଦ୍ର ସାହୁ, ଜିଲାପରିଷଦ ସଭ୍ୟ ମନୋଜ ମଲ୍ଲିକ, ସୁରତ ସେଠୀ, ସରପଞ୍ଚ ଟୁନିଲତା ବିଶ୍ୱାଳ, ବିପିନ ବିହାରୀ ପଣ୍ଡା ଓ କବି ଦୟାନିଧି ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ କଳାକାର ସଂଘର ଉପସଭାପତି ମଲ୍ଲିକ ଲୋକକଳା ଗ୍ରାମ ଗଠନରେ ସରକାରଙ୍କ ପଦକ୍ଷେପ ଏବଂ କାର୍ଯ୍ୟକ୍ରମ ବିବରଣୀ ପାଠ କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ କାଳନ୍ଦୀ ମଲିକ। ଏହି ଅବସରରେ ଜିଲାର ବିଭିନ୍ନ ବ୍ଲକ କଳାକାର ସଂଘର ଉପସଭାପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭଦ୍ରକ ନଗର କଳାକାର ସଂଘ ଉପସଭାପତି ନରେନ୍ଦ୍ର ପରିଡ଼ା, ଚାନ୍ଦବାଲିର ତ୍ରିଲୋଚନ ପଣ୍ଡା, ଭଣ୍ଡାରିପୋଖରୀର ରବୀନ୍ଦ୍ର ଜେନା, ଭଦ୍ରକର ପ୍ରଶାନ୍ତ ବେହେରା ଓ ଧାମନଗରର ସୁବାସ ମଲ୍ଲିକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ସ୍ଥାନୀୟ କଳାକାର ଭାବେ ଯାତ୍ରା କଳାକାର ସଞ୍ଜୀବ ଜେନା, କେଶବ ଚନ୍ଦ୍ର ପଣ୍ଡା, ବିନୋଦ ଚନ୍ଦ୍ର ପଣ୍ଡା ଓ ଶତାୟୁ ପୁରୁଷ କୁନା ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ ବିଦ୍ୟାଧର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

## ପଲିଥିନମୁକ୍ତ ସହର ପାଇଁ ସଂକଳ୍ପ

**ବାସୁଦେବପୁର, ୩।୧୦(ଡି.ଏନ.ଏ.)**

ସହରକୁ ପଲିଥିନମୁକ୍ତ କରିବାକୁ ବାସୁଦେବପୁର ପୌରପାଳିକା ପକ୍ଷରୁ ଉଦ୍ୟମ ଆରମ୍ଭ କରାଯାଇଛି। ସହର ମଧ୍ୟରେ ଥିବା ଦୋକାନୀ ତଥା ବ୍ୟବସାୟୀମାନେ ପଲିଥିନ ବ୍ୟବହାର ନ କରିବା ପାଇଁ ପୌର କର୍ମଚାରୀଙ୍କ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଦୋକାନ ତଥା ବ୍ୟବସାୟିକ ମହଲରୁ ବାହାରୁଥିବା ଅଳିଆ ଆବର୍ଜନାକୁ ଏଣେତେଣେ ନ ଫିଙ୍ଗି ଡଷ୍ଟବିନ୍‌ରେ ପକାଇବାକୁ ସଚେତନ କରାଯାଇଥିଲା। ପଲିଥିନ ବ୍ୟବହାର ଉପରେ କଟକଣା ଲଗା ଯାଇଥିବାରୁ ଏଥିପ୍ରତି ଦୋକାନୀ ଓ ଗ୍ରାହକ ଅଧିକ ସଚେତନ ହେବାକୁ ପୌର କର୍ମଚାରୀମାନେ ବୁଝାଇଥିଲେ। ସଚେତନତା ଶୋଭାଯାତ୍ରାରେ ପୌର କର୍ମଚାରୀ ପ୍ରଭାକର ମଣ୍ଡଳ, ଗୟାଧର ବିଶ୍ୱାଳ, ସୁଦର୍ଶନ ଦାସ, ଦୀପକ ମହାନ୍ତି, ନିରଞ୍ଜନ ନାୟକ ପ୍ରମୁଖ ସାମିଲ ହୋଇ ସହର ପରିକ୍ରମା କରିଥିଲେ।

## ଧାମରା ବନ୍ଦର ବୁଲି ଦେଖିଲେ ବରିଷ୍ଠ ନାଗରିକ

**ଭଦ୍ରକ ଅଫିସ, ୩।୧୦**

ଆଦାନୀ ଧାମରା ବନ୍ଦର ବୁଲି ଦେଖିଲେ ସ୍ଥାନୀୟ ବରିଷ୍ଠ ନାଗରିକ। ଗାନ୍ଧୀ ଜୟନ୍ତୀ ଅବସରରେ ବନ୍ଦର କର୍ମକର୍ତ୍ତାମାନେ ୪୦ ବରିଷ୍ଠ ନାଗରିକଙ୍କୁ ସ୍ୱାଗତ କରି ବୁଲାଇ ଦେଖାଇଥିଲେ। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ତ୍ରିପାଠୀ ସେମାନଙ୍କୁ ସମ୍ବର୍ଦ୍ଧିତ କରି ବରିଷ୍ଠ ନାଗରିକଙ୍କ ସହଯୋଗ ଓ ଆଶୀର୍ବାଦ ଯୋଗୁ ବନ୍ଦର ନିଜର ଲକ୍ଷ୍ୟପଥରେ ଅଗ୍ରସର ହେଉଥିବା କହିଥିଲେ। ପରେ ବରିଷ୍ଠ ନାଗରିକମାନେ ସେମାନଙ୍କ ଅନୁଭବ ଓ ଅଭିଜ୍ଞତା କହିବାକୁ ଯାଇ ପାରିପାର୍ଶ୍ୱିକ ଅଞ୍ଚଳର ଯୁବକଙ୍କୁ ନିଯୁକ୍ତି ଦେଇଥିବାରୁ ବନ୍ଦର କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଦୁର୍ଘଟଣାରେ ୨ ଛାତ୍ରଙ୍କ ମୃତ୍ୟୁ ଘଟଣା

# ୨୩ ଦିନ ବିତିଲା, ଚିହ୍ନଟ ହେଉନି ଗାଡ଼ି

**ଭଦ୍ରକ ଅଫିସ, ୩।୧୦**

ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଗତ ସେପ୍ଟେମ୍ବର ୧୦ ତାରିଖ ସକାଳେ ପ୍ରାୟ ସାଢ଼େ ୫ଟା ବେଳେ ଏକ ସଡ଼କ ଦୁର୍ଘଟଣା ଘଟି ଦୁଇ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଦ୍ରୁତଗତିରେ ନାଲି ରଙ୍ଗର ଏକ ଚାରିଚକିଆ ଗାଡ଼ି ଦୁର୍ଘଟଣା ଘଟାଇ କଟକ ଆଡ଼କୁ ଚାଲିଯାଇଥିଲା ବୋଲି କୁହାଯାଇଥିଲା। ଦୁର୍ଘଟଣାରେ ଛାତ୍ର ଶୁଭଙ୍କର ମଲ୍ଲିକ(୧୭) ଓ ତାଙ୍କ ସାଙ୍ଗ ସୁମିତ୍ ସାହୁ(୧୩)ଙ୍କର ମୃତ୍ୟୁ ହୋଇଥିଲା। ଭଦ୍ରକ ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ଏହାମଧ୍ୟରେ ୨୩ ଦିନ ବିତିଯାଇଥିଲେ ମଧ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ପୋଲିସ ଚିହ୍ନଟ କରିପାରି ନାହିଁ। ମୃତ ଦୁଇ ଛାତ୍ରଙ୍କ ପରିବାର ପକ୍ଷରୁ ଏସ୍‌ପିଙ୍କ ନିକଟରେ ଓ ଟାଉନ ଥାନାରେ ତୁରନ୍ତ ଗାଡ଼ିକୁ ଚିହ୍ନଟ କରାଯିବା ପାଇଁ ଲିଖିତ ଭାବେ ଦାବି କରିଛନ୍ତି। କିନ୍ତୁ ପୋଲିସ ଅଭିଯୋଗକୁ ଗୁରୁତ୍ୱ ଦେଉ ନ ଥିବା ମୃତ ଶୁଭଙ୍କରଙ୍କ ବାପା ପ୍ରଭାକର କ୍ଷୋଭର ସହ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖିଛନ୍ତି। ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ତୁରନ୍ତ ଜବତ ନ କଲେ ବାଧ୍ୟ ହୋଇ ସେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଟାଉନ ଥାନାଧିକାରୀ ସରୋଜିନୀ ସିଂ ଘଟଣାର ତଦନ୍ତ କରାଯାଉଥିବା କହିଛନ୍ତି।

## ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମେଳନ



ସମାରୋହରେ ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର।

**ବାସୁଦେବପୁର, ୩।୧୦ (ଡି.ଏନ.ଏ.)**

ବାସୁଦେବପୁର ଟାଉନ ହଲ୍‌ଠାରେ ଓଡ଼ିଆ ଭାଷା ସଂସ୍କୃତି ବିକାଶ ମଞ୍ଚ ଓ ବାଇଚଢ଼େଇର ସ୍ୱନକ୍ଷତ୍ର ଦିବସ ସହ ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମେଳନ, କବିତା ପାଠୋତ୍ସବ, ପୁସ୍ତକ ଲୋକାର୍ପଣ ଏବଂ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ପ୍ରଥମ ଅଧିବେଶନରେ ଉଦ୍‌ଘାଟକ ଭାବେ ପୂର୍ବତନ ପ୍ରଧାନଶିକ୍ଷକ ସୁଧାକର ସନ୍ଧିବିଗ୍ରହ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ସାହିତ୍ୟ ସମାଜକୁ ଠିକ୍ ଦିଗ୍‌ଦର୍ଶନ ଦେଇଥାଏ। ସାହିତ୍ୟିକମାନେ ସମାଜ ହିତ ସାଧନରେ କଲମ ଚାଳନା କରିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରାଧ୍ୟାପକ ଡ. କମଳାକାନ୍ତ ଜେନା ମୁଖ୍ୟଅତିଥି, ପୁରୋଦୃଷ୍ଟି ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା ଓ ବିଭୂତି ଭୂଷଣ ସେନାପତି ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସଭାପତିତ୍ୱ କରିଥିଲେ ପୂର୍ବତନ ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ମିଶ୍ର। ବାଇଚଢ଼େଇ ସମ୍ପାଦକ ବିକାଶ ଶତପଥୀ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ଓଡ଼ିଆ ଭାଷା ସଂସ୍କୃତି ବିକାଶ ମଞ୍ଚର ସଭାପତି ସୁଦର୍ଶନ ଅଗସ୍ତି ସଭାପତିତ୍ୱ କରିଥିଲେ। ବରିଷ୍ଠ ଶିଶୁ ସାହିତ୍ୟିକ ଡ. ଦିଗରାଜ ବ୍ରହ୍ମା ମୁଖ୍ୟଅତିଥି ଓ ସାଳନ୍ଦୀ ସମାଚାର ସମ୍ପାଦକ ରୂପକ ବିହାରୀ ରାୟ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜିତ ସଭାରେ କବିତା ପାଠ କରାଯାଇଥିଲା। ଏହି ଅବସରରେ ଡ. ଶରତ କୁମାର ବିଶ୍ୱାଳଙ୍କୁ 'ବାଇଚଢ଼େଇ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ସବିତାରାଣୀ ବେହେରା, ଶିଶୁ କଳାକାର ଅନିମେଷ ଘୋଷ, ଗବେଷକ ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତି ଓ ଯୋଗୀ ସୁଧାକର ମୁନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାଇଚଢ଼େଇର ଶାରଦୀୟ ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। ସୁଦର୍ଶନ ଅଗସ୍ତିଙ୍କ କବିତା ପୁସ୍ତକ ଏବେ ଲେଉଟାଣି ବେଳ, ଗଜେନ୍ଦ୍ର ବେହେରାଙ୍କ ଜଣାଣ ଗଜର ମୀନତି, ମନ୍ଦରଧର ମହାପାତ୍ରଙ୍କ ଗଳ୍ପ ଏ କାହାଣୀ ଅସରନ୍ତି, ଦିବାକର ଭୋଇଙ୍କ ଗୀତିକବିତା ନୀଳସ୍ୱପ୍ନ, ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ବିଶ୍ୱଗୁରୁ ବ୍ରହ୍ମ ଅବଦୂତ ବାୟାବାବା ଉନ୍ମୋଚିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା

**ବନ୍ତ, ୩।୧୦ (ଡି.ଏନ.ଏ.)**

ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ନିମାପଡ଼ାସ୍ଥିତ ଜିଜ୍ଞାସା ପାଠାଗାର ପକ୍ଷରୁ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨ଟି ବିଦ୍ୟାଳୟର ୬୮ ଛାତ୍ରୀଛାତ୍ର ଭାଗ ନେଇଥିଲେ। ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୀବନ ଦର୍ଶନ ଉପରେ ସାଧାରଣ ଜ୍ଞାନ, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ଗଣେଶ କରଶର୍ମା, ପୂର୍ବତନ ସିଆର୍‌ସିସି ନକୁଳ ବାରିକ, ସିଳନ୍ଦି ନୋଡାଲ ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ଉତ୍ତମ ଦାସ ଓ ଶିକ୍ଷକ ଶୁଭେନ୍ଦୁ ବିଶ୍ୱାଳ ଯୋଗଦେଇଥିଲେ। ଶିକ୍ଷକ କଲ୍ୟାଣ ରାଉତରାୟ ଅତିଥି ପରିଚୟ ପ୍ରଦାନ, ଜ୍ଞାନଦା କରଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସୁରେଶ ସାହୁ, ଦିଲୀପ ରାଉଳ ଓ ଶୁଭଶ୍ରୀ ସାମନ୍ତରାୟ ବିଚାରକ ଦାୟିତ୍ୱ ତୁଲାଇଥିଲେ। ରବୀନ୍ଦ୍ର ରାଉତ, ସୁରେନ୍ଦ୍ର ବାରିକ, ଅକ୍ଷୟ ଜେନା, ଶରତ ଚନ୍ଦ୍ର ଜେନା ଓ ଦେବୀଦତ୍ତ କରଶର୍ମା ସହଯୋଗ କରିଥିଲେ।

## ସାହିତ୍ୟ ସଂସଦର ଗାନ୍ଧୀ ଚିନ୍ତନ

**ବନ୍ତ, ୩।୧୦ (ସ୍ୱ.ପ୍ର.)**

ବନ୍ତ ବ୍ଲକ ଆଗରପଡ଼ା ଚିନ୍ତା ଚେତନା ସାହିତ୍ୟ ସଂସଦ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଗାନ୍ଧୀ ଚିନ୍ତନ ଚକ୍ର ଅନୁଷ୍ଠିତ ହୋଇଯାଇଛି। ଇଲେଭେନ ଷ୍ଟାର କ୍ଲବ ପରିସରରେ ସଂସଦର ସଭାପତି ବାଞ୍ଛାନିଧି ରାଉଳଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ପୂର୍ବତନ ଅଧ୍ୟାପକ ପ୍ରଭାସ ଚନ୍ଦ୍ର ମହାପାତ୍ର, ଅନ୍ତର୍ଯ୍ୟାମୀ ରାଉତ, ଭିକାରୀ ଚରଣ ଦାଶ, ହରିହର ପାଣିଗ୍ରାହୀ, ବିନୋଦ ସାହୁ ପ୍ରମୁଖ ଏଥିରେ ଅଂଶଗ୍ରହଣ କରି ଗାନ୍ଧୀ ଚେତନା ସମ୍ପର୍କିତ ଆଲୋଚନା କରିଥିଲେ। କବି ଦାଶରଥୀ ଜେନାଙ୍କ ସଂଯୋଜନାରେ ୫୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତ ପାଠ କରିଥିଲେ। ନିକଟରେ ପରଲୋକ ହୋଇଥିବା ସଂସଦର ସଦସ୍ୟ କବି ସ୍ୱର୍ଗତ ସୁରେନ୍ଦ୍ର ଯେନାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରସନ୍ନ ବେହେରା ଦେଶାତ୍ମବୋଧ କବିତା ପାଠ ଓ ସହସମ୍ପାଦକ ପ୍ରଣୟ ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୃଷ୍ଣଚନ୍ଦ୍ର ଜେନା ପ୍ରାକ୍ କଥନ ରଖିଥିବା ବେଳେ ସମ୍ପାଦକ ଅଶୋକ ଦେଓ ଧନ୍ୟବାଦ ଦେଇଥିଲେ।

# ୪୬ ବର୍ଷରେ ପଦାର୍ପଣ ଝୁମ୍ପୁରା ଦୁର୍ଗାପୂଜା

**ଶଶିଭୂଷଣ ସାହୁ**
ଝୁମ୍ପୁରା, ୩।୧୦

ଗ୍ରାମବାସୀ, ଆବାଳ ବୃଦ୍ଧ ବନିତା, ବର୍ତ୍ତମାନ ସମସ୍ତଙ୍କ ମୁହଁରେ ଗୋଟିଏ କଥା। ଆସୁଛନ୍ତି ମା'। ଆଉ ମାତ୍ର ଗୋଟିଏ ଦିନ ପରେ ମା'ଙ୍କର ଧରାବତରଣ ହେବ, ହଜାର ହଜାର ସନ୍ତାନଙ୍କୁ ଶୁଭ ଆର୍ଶିବାଦ ଦେବେ। ଝୁମ୍ପୁରା ସମେତ ଆଖପାଖ ଗ୍ରାମବାସୀଙ୍କର ଭାବାବେଗ ସହିତ ଜଡିତ ଝୁମ୍ପୁରାର ଶାରଦୀୟ ଦୂର୍ଗାପୂଜା। ଏଠାକାର ବଡ ପୂଜା ଭାବେ ଅଭିହିତ ଝୁମ୍ପୁରା ଦୁର୍ଗାପୂଜା। ଚଳିତ ବର୍ଷ ଏହି ପୂଜା ୪୬ବର୍ଷରେ ପହଞ୍ଚିଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ମା'ଙ୍କର ପୂଜା ୫ଦିନବ୍ୟାପୀ ସମ୍ପୂର୍ଣ୍ଣ ରୀତିନୀତି ଅନୁଯାୟୀ ପାଳିତ ହେବ।

ଜନଶ୍ରୁତିରୁ ଜଣାଯାଏ ଯେ, ସ୍ୱପ୍ନାଦେଶ ପରେ ୧୯୭୪ ମସିହାରେ ଝୁମ୍ପୁରା ଦୁର୍ଗାପୂଜା ଆରମ୍ଭ ହୋଇଥିଲା। କୁହାଯାଏ ମା'ଙ୍କ ପୂଜା ପାଇଁ ସ୍ଥାନ ମଧ୍ୟ ମା' ହିଁ ନିରୁପଣ କରିଥିଲେ। ଆନନ୍ଦପୁର ଅଞ୍ଚଳର ରାଧାବଲଭ ମିଶ୍ରଙ୍କ ଦ୍ୱାରା ପ୍ରଥମ କରି ଦୁର୍ଗାପୂଜା ଆରମ୍ଭ କରାଯାଇଥିଲା। ରାଧା ବଲ୍ଲଭ ମିଶ୍ର ଝୁମ୍ପୁରା ଅଞ୍ଚଳର ସୁବୋଧ ଗୁପ୍ତା, ବେଣୁଧର ପ୍ରଧାନ, ସୁଦାମ ପ୍ରଧାନ, ନାଥ ଚନ୍ଦ୍ର ପ୍ରଧାନ, ଦୁଃଖବନ୍ଧୁ ବେଜ, ଉମାକାନ୍ତ ମହାକୁଡ ପ୍ରମୁଖ ୧୮ ଜଣଙ୍କୁ ନେଇ ପୂଜାରମ୍ଭ କରିଥିଲେ। ବର୍ତ୍ତମାନର ମା'ଙ୍କର ଭବ୍ୟ ପୀଠ ସେତେବେଳେ ସେହି ସ୍ଥାନ ପରିତ୍ୟକ୍ତ ଭାବେ ପଡି ରହିଥିଲା। ଚାରିଆଡ ଲଟାଝଟା ପରିପୂର୍ଣ୍ଣ ଥିଲା। ଉକ୍ତ ସ୍ଥାନକୁ ଲୋକଙ୍କର ଯିବା ଆସିବା ମଧ୍ୟ ସମ୍ଭବ ନ ଥିଲା। ପୂଜା ପାଇଁ ଆଗେଇ ଆସିଥିବା ରାଧାବଲ୍ଲଭ ମିଶ୍ର କହନ୍ତି। ମା' ବୋଧହୁଏ ଆମ୍ଭ ମାନଙ୍କର ପରୀକ୍ଷା ନେଉଛନ୍ତି। ତେବେ ମା'ଙ୍କ ପ୍ରତି ନିଷ୍ଠାଭାବ ରଖି ଉକ୍ତ ପରିତ୍ୟକ୍ତ ସ୍ଥାନର ନିର୍ଦ୍ଦିଷ୍ଟ ଜାଗାକୁ ସଫାକରି ଦୂର୍ଗାପୂଜା ଆରମ୍ଭ ହେଲା। କିଛି ବର୍ଷ କେବଳ ୪ଟି ଖୁଣ୍ଟ ଉପରେ ତାରପୋଲିନ ଢାଙ୍କି ମା'ଙ୍କର ପୂଜା କରାଯାଉଥିଲା। ସେତେବେଳେ ମଧ୍ୟ ଅଳ୍ପ କିଛି ନାସ୍ତିକ ଲୋକ ମା'ଙ୍କ ପୂଜାକୁ ବିରୋଧ କଲେ। ହେଲେ ଅଞ୍ଚଳବାସୀ ମା'ଙ୍କ ପୂଜା ପାଇଁ ଅଡି ବସିଲେ।

ପରେ ପରେ ସେଠାରେ ମା'ଙ୍କର ଅସ୍ଥାନ ପୀଠ ତିଆରି ହେଲା। ଅଞ୍ଚଳବାସୀଙ୍କର ସାହାଯ୍ୟ ସହଯୋଗରେ ମା'ଙ୍କର ଭବ୍ୟ ମନ୍ଦିର ଗଢି ଉଠିଲା। କିଛି ବର୍ଷ ହେଲା ପୀଠରେ ପ୍ରତ୍ୟେହ ସକାଳ, ସନ୍ଧ୍ୟା ପୂଜା ହେଉଛି। ଶାରଦୀୟ ପୂଜା ଅବସରରେ ଷଷ୍ଠୀ ତିଥି ଠାରୁ ଦଶମୀ ତିଥି ପର୍ଯ୍ୟନ୍ତ ମା'ଙ୍କର ପୂଜା ସମ୍ପୂର୍ଣ୍ଣ ରୀତିନୀତି ଅନୁଯାୟୀ ସମ୍ପାଦିତ ହୁଏ। ନିଆରା ପରମ୍ପରା ମଧ୍ୟରେ ସପ୍ତମୀ ପୂଜାରେ ଚକ୍ଷୁଦାନ ସହିତ ପଣାପୂଜା, ମହାଷ୍ଟମୀ ପୂଜା ପରେ ୧୦୮ ଦିପଦାନ ସହିତ କଖାରୁ ବଳିର ପରମ୍ପରା ପୂଜା ସମ୍ପୂର୍ଣ୍ଣ ନିଆରା। ମହାନବମୀରେ ମା'ଙ୍କ ଅବତାର ସୂଚକ ନବ କୁଆଁରୀ ପୂଜା ସମସୟରେ ହଜାର ହଜାର ମହିଳା ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ଼ ହୁଏ। ଚାରିଆଡ ମା'ଙ୍କ ଜୟ ଜୟ କାରରେ ପ୍ରକମ୍ପିତ ହୋଇଉଠେ। ସେହିପରି ବିଜୟା ଦଶମୀରେ ଅପରାଜିତା ପୂଜା ଅନୁଷ୍ଠିତ ହୋଇଥାଏ। ବିଗତ ବର୍ଷ ମାନଙ୍କରେ ମା'ଙ୍କର କିଛି ଚମତ୍କାରିତା ଯୋଗୁଁ ପ୍ରତ୍ୟେହ ବହୁ ଶ୍ରଦ୍ଧାଳୁଙ୍କର ଆଗମନ ମା'ଙ୍କର ପୀଠକୁ ହୋଇଥାଏ। ବିବାହ, ବ୍ରତଘର, ଗାଡିପୂଜା ସହିତ ଅନ୍ୟାନ୍ୟା ପୂଜା ମଧ୍ୟ ମା'ଙ୍କ ପୀଠରେ ସମାପନ ହୋଇଥାଏ। ଲୋକ ଶ୍ରୁତିର କଥା କହୁ କହୁ ଗଙ୍ଗାଧର ପ୍ରଧାନ, ଅଶୋକ ମହାପାତ୍ର, ମାରୁତି ରାଓ ମୋରେ, ହେମନ୍ତ ସିଂ ପ୍ରମୁଖଙ୍କ ଆଖି ଛଳ ଛଳ ହୋଇ ଯାଇଥିଲା। ପୂଜାରମ୍ଭ କରିଥିବା ୧୮ଜଣ ସଦସ୍ୟଙ୍କ ମଧ୍ୟରୁ ଅର୍ଦ୍ଧାଧିକ ପରପାରିକୁ ଚାଲି ଗଲେଣି। ଯୁବସଂଘର ସଦସ୍ୟ ସଂଖ୍ୟା ବର୍ତ୍ତମାନ ୧୦୦ରୁ ଉର୍ଦ୍ଧ୍ୱ ରହିଥିବାବେଳେ, ଶାରଦୀୟ ପୂଜା ଅବସରରେ କାର୍ଯ୍ୟକାରୀ ସଭାପତି ଭାବେ ଶଶୀଭୂଷଣ ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ମା'ଙ୍କର ପୂଜାପାର୍ବଣ ଶୃଙ୍ଖଳିତ ଢଙ୍ଗରେ କରିବା ପାଇଁ ଦୂର୍ଗତୀ ନାଶିନୀ ଯୁବସଂଘ ଅବିରତ ଉଦ୍ୟମ କରି ଚାଲିଛି। ମା'ଙ୍କର ପୂଜା ଗୋଟିଏ ଦିନ ବାକି ଥିବାବେଳେ ପୀଠରେ ପୂଜାର ମାହୋଲ ବାରି ହୋଇ ପଡୁଛି। ଆକର୍ଷଣୀୟ ତୋରଣ ନିର୍ମାଣ ସାଙ୍ଗକୁ ବିଜୁଳି ଆଲୋକର ସାଜସଜା ସମସ୍ତଙ୍କ ମୁଖ୍ୟ ଆକର୍ଷଣ ପାଲଟିଛି।



## ମା' ଆସୁଛନ୍ତି

## ନିଆରା ଢଙ୍ଗରେ ସରକାରୀ ବସ୍‌ଷ୍ଟାଣ୍ଡ ମଣ୍ଡପ ପୂଜା

**ଦୀପକ ମିଶ୍ର**
କେନ୍ଦୁଝର

କେନ୍ଦୁଝର ସଦର ମହକୁମାରେ ମା' ଦୁର୍ଗାଙ୍କର ପୀଠ ଭାବରେ ସରକାରୀ ବସଷ୍ଟାଣ୍ଡ ନିକଟସ୍ଥ ଦୁର୍ଗାମଣ୍ଡପରେ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇ ସମ୍ପ୍ରତି ଭକ୍ତଙ୍କୁ ଆକର୍ଷିତ କରୁଛି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ମା'ଙ୍କ ଆଳତୀ ଦେଖିବାକୁ ଭକ୍ତଙ୍କର ଭିଡ ହେଉଥିବାବେଳେ ଏହି ପୂଜା ସମୟରେ ଷୋଡଶ ଉପଚାରେ ମା'ଙ୍କୁ ନୈବେଦ୍ୟ ଅର୍ପଣ କରାଯାଉଛି। ୧୯୫୮ ମସିହାରୁ କେନ୍ଦୁଝର ସହରର ଭକ୍ତପ୍ରାଣ ବ୍ୟକ୍ତିତ୍ୱ ସ୍ୱର୍ଗତ ଶଙ୍କର୍ଷଣ ରାଉତଙ୍କ ଉଦ୍ୟମକ୍ରମେ ଏହି ଦୁର୍ଗାପୂଜା ଆରମ୍ଭ ହୋଇଥିଲା। ତାଙ୍କ ପରଲୋକ ପରେ ତାଙ୍କର ସୁପୁତ୍ର କ୍ଷୀରୋଦ ଚନ୍ଦ୍ର ରାଉତ ଓ ପୁତ୍ରବଧୂ ବୈଜୟନ୍ତୀ ରାଉତ ପୂଜା କାର୍ଯ୍ୟ ନିର୍ବାହ କରୁଛନ୍ତି। ଦୀର୍ଘ ୨୪ ବର୍ଷ ମୃଣ୍ମୟୀ ଦେବୀଙ୍କର ପୂଜା ହୋଇଆସୁଥିବାବେଳେ ସେ ସମୟରେ ମା'ଙ୍କ ଭଶାଣୀ ଶୋଭାଯାତ୍ରା ବେଶ ପ୍ରଶଂସିତ ହୋଇଥିଲା। ୧୯୮୧ ମସିହାଠାରୁ ଏହି ସ୍ଥାନରେ ମା' ଦୁର୍ଗାଙ୍କର ସ୍ଥାୟୀ ମୂର୍ତ୍ତି ସ୍ଥାପନ କରି ପ୍ରତ୍ୟେକ ଦିନ ପୂଜାର୍ଚ୍ଚନା ହେଉଥିବାବେଳେ ଚଳିତ ବର୍ଷ ମା'ଙ୍କ ନବରୂପ ଓ ନବବେଶ ଅନୁଷ୍ଠିତ ହେଉଛି। ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଧମାତା, କାତ୍ୟାୟିନୀ, କାଳରାତ୍ରୀ, ମହାଗୌରୀ ଓ ସିଦ୍ଧିଦାତ୍ରୀଙ୍କର ସ୍ୱତନ୍ତ୍ର ମେଢ଼ କରାଯାଇଛି। ଷୋଡଶ ଦିନାତ୍ମକ ପୂଜା ଏଠାରେ ଅନୁଷ୍ଠିତ ହେଉଥିବାବେଳେ ବିଜୟାଦଶମୀରେ ବିବିଧ ବାଦ୍ୟ, ଛତ୍ର, କାହାଳୀ, ଚାମର, ଅସ୍ତ୍ରଶସ୍ତ୍ରରେ ଘଟତୋ ଯାତ୍ରା ସମାପନ ହେବ ବୋଲି ସୂଚନା ମିଳିଛି।

## ନବକନ୍ୟା ବେଶରେ ପୂଜା ପାଆନ୍ତି ଦୁର୍ଗା

**ନରେଶ ଚନ୍ଦ୍ର ପଟ୍ଟନାୟକ**
କେନ୍ଦୁଝର

ନ୍ୟୁ କଲୋନୀ ଡେଭଲପମେଣ୍ଟ ସୋସାଇଟି, ଦୁର୍ଗାପୂଜା କମିଟି ପକ୍ଷରୁ ଚଳିତ ବର୍ଷ ଦୁର୍ଗାପୂଜା ଧୁମଧାମରେ ପାଳନ କରିବା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୧୯୮୦ ମସିହାରୁ ଆରମ୍ଭ ହୋଇଥିବା ଏହି ଦୁର୍ଗା ପୂଜା ଚଳିତ ବର୍ଷ ୩୯ ବର୍ଷରେ ପହଞ୍ଚିଛି। ଷଷ୍ଠୀ ବେଲବରଣୀ ପୂଜା ଶୁକ୍ରବାର ଅନୁଷ୍ଠିତ ହେବ। ଭସାଣି ନଅ ତାରିଖରେ ହେବ। ଏଠାରେ ଦଶମୀ (ଦଶହରା) ଦିନ ନବ କନ୍ୟା ପୂଜା ପରମ୍ପରା ବହୁ ଆଗରୁ ଚାଲିଆସିଛି ବୋଲି କୋଷାଧକ୍ଷ ନରେନ୍ଦ୍ର ପଟ୍ଟନାୟକ କୁହନ୍ତି।

ଚାରି ବର୍ଷରୁ ୭ ବର୍ଷର ୯ ଜଣ କନ୍ୟାଙ୍କୁ ଦେବୀ ଦୁର୍ଗାଙ୍କ ବେଶରେ ସୁସଜ୍ଜିତ କରି ସେମାନଙ୍କ ପାଖରେ ଭୋଗରାଗ କରି ପୂଜାର୍ଚ୍ଚନା କରାଯାଇଥାଏ। ଭକ୍ତମାନେ ଦାନ ଦକ୍ଷିଣା ଦେଇଥାନ୍ତି। ଏହା ଛଡା ସପ୍ତମୀରୁ ଦଶମୀ ଯାଏ ପ୍ରତ୍ୟେକ ଦିନ ନାରାୟଣ ସେବା କରାଯାଏ। ଦଶମୀ ଦିନ ଏକ ବଡ ଭୋଜି ଆୟୋଜନ କରି ପ୍ରସାଦ ସେବନ ବ୍ୟବସ୍ଥା ହୋଇଥାଏ। ପ୍ରତ୍ୟେକ ଦିନ ଅନ୍ନପୂର୍ଣ୍ଣା ଭୋଗ ମଧ୍ୟ କରାଯାଏ। ଖିରିକାକରା ଭୋଗ ବଣ୍ଟନ ହୁଏ। କମିଟିରେ ପାଖାପାଖି ୩୦୦ ସଦସ୍ୟ ଅଛନ୍ତି। ସଭାପତି ଭାବେ ହରମୋହନ ପଟ୍ଟନାୟକ ଓ ସମ୍ପାଦକ ଭାବେ ଶିବ ପ୍ରସାଦ ସ୍ୱାଇଁ କାର୍ଯ୍ୟ ତୁଲାଉଛନ୍ତି। ନ୍ୟୁ କଲୋନୀ, ଜାମୁହତା, ଧୋବାଡିହା ଓ ଲାବଣ୍ୟ ଛକ ଆଦି ଏହି ପୂଜା ମହୋତ୍ସବରେ ସାମିଲ ହୋଇଥାନ୍ତି। ଚଳିତ ବର୍ଷ ଏହାର ବଜେଟ ପାଖାପାଖି ୪ ଲକ୍ଷ ରହିଛି। କଲିକତାରୁ ଶିଳ୍ପୀ ମିଳନ ବର୍ମନ ମୂର୍ତ୍ତି ଗଢିବା କାର୍ଯ୍ୟ କରିଛନ୍ତି। ଦୀର୍ଘ ୧୫ ବର୍ଷ ହେବ ତାଙ୍କ ବାପାଙ୍କ ପରେ ସେ ଏଠାରେ ମୂର୍ତ୍ତି ଗଢିଆସୁଛନ୍ତି ବୋଲି କହିଛନ୍ତି। ଭଦ୍ରକରୁ ଦୟାନିଧି ମିଶ୍ର ଏଠାରେ ପୂଜକ ଭାବେ ପ୍ରତିବର୍ଷ ପୂଜା କରିଆସୁଛନ୍ତି। ଭାଇଚାରା ମନୋଭାବ ନେଇ ଏହି ପୂଜା ଅନୁଷ୍ଠିତ ହୋଇଥାଏ। ବହୁ ସଂଖ୍ୟାରେ ଭକ୍ତ ପୂଜାର୍ଚ୍ଚନା କରିବା ସହ ମେଢ଼ ଦେଖିବାକୁ ଆସିଥାନ୍ତି। ଏହା ଛଡା ଦୈନିକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥାଏ।

## ସଂକ୍ଷେପରେ

### ନାବାଳିକାଙ୍କୁ ଗର୍ଭବତୀ କରି ବିବାହିତ ଯୁବକ ଗିରଫ

ଚମ୍ପୁଆ, ୩।୧୦ (ଡି.ଏନ.ଏ.)-ଚମ୍ପୁଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗର୍ଭବତୀ କରିଥିବା ଅଭିଯୋଗରେ ଚମ୍ପୁଆ ପୋଲିସ ଜଣେ ବିବାହିତ ଯୁବକଙ୍କୁ ଗିରଫ କରିଥିବା ଚମ୍ପୁଆ ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ମୋବାଇଲରୁ ପ୍ରେମ ଓ ବିବାହର ପ୍ରତିଶ୍ରୁତି ଦେଇ ଯଶିପୁର ଅଞ୍ଚଳର ଉମ୍ବରୁ ମହାନ୍ତ ନାବାଳିକା ସହ ମିଳାମିଶା କରିଥିଲା। ପରେ ନାବାଳିକା ଜଣଙ୍କ ଗର୍ଭବତୀ ହେବାରୁ ଚମ୍ପୁଆ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଚମ୍ପୁଆ ପୋଲିସ ଉମ୍ବରୁ ମହାନ୍ତଙ୍କୁ ଗିରଫ କରିଥିବା ଜଣାଯାଇଛି।

### ରାସ୍ତାରେ ପଡୁଛି ଲୁହାପଥର ପିଲେଟ

ରାଇସୁଆଁ,୩।୧୦(ଡି.ଏନ.ଏ.)-୨୦ ନମ୍ବର ଜାତୀୟ ରାଜପଥରେ ବଢୁଛି ଦୁର୍ଘଟଣା ଫଳରେ ବହୁ ଧନଜୀବନ ଅକାଳରେ ଚାଲିଛି। ସରକାର ଦୁର୍ଘଟଣାକୁ ରୋକିବା ପାଇଁ ମୋଟର ଯାନ ଆଇନକୁ କଡାକଡି କରୁଛନ୍ତି। ମାତ୍ର ଯୋଡା ବଡବିଲ ଅଞ୍ଚଳରୁ ପ୍ରତିଦିନ ଶହଶହ ଟ୍ରକ ଖୋଲା ଖାଲି ଭାବରେ ପରିବହନ ହେଉଥିବାରୁ ବହୁ ସମୟରେ ସଦର ଅଞ୍ଚଳର ବହୁ ସ୍ଥାନରେ ଲୁହାପଥର ଗୋଲି ରାସ୍ତାରେ ବିଛେଇ ହୋଇ ପଡିରହୁଛି। ଫଳରେ ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଉଛି। ଏଥି ପ୍ରତି ଜିଲାପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହେଉଛି।

### ବୁଲା କୁକୁରଙ୍କ ଦୌରାତ୍ମ୍ୟ

ଢେଙ୍କିକୋଟ, ୩।୧୦(ଡି.ଏନ୍.ଏ.)- ଦୀର୍ଘଦିନ ହେଲା ଢେଙ୍କିକୋଟ ଅଞ୍ଚଳରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି। ଏମିତିକି ସ୍କୁଲ ଯାଉଥିବା କୁନି କୁନି ଛାତ୍ରୀଛାତ୍ରଙ୍କୁ ଏକାକୀ ପାଇଲେ ବୁଲା କୁକୁରମାନେ କାମୁଡ଼ିବାକୁ ଛାଡୁନାହାନ୍ତି। ଯାହାଫଳରେ ଏ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ସନ୍ଧ୍ୟାହେଲେ ବଜାର ଛକ ଜାଗାମାନଙ୍କରେ ମାଳ ମାଳ ହୋଇ ରାସ୍ତା ଅବରୋଧ କରୁଛନ୍ତି। ବୁଧବାର ପୂର୍ବାହ୍ନ ୧୦ଟାବେଳେ ପାଟଣା ବ୍ଲକ ପଲାସ ଘାଟି ଗ୍ରାମ ପଞ୍ଚାୟତ ଖଇରନ୍ଧା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏକ ବାଇକ୍‌ରେ ସ୍କୁଲକୁ ଯାଉଥିବାବେଳେ ଏକ କୁକର ଦୌଡ଼ିଆସି ତାଙ୍କ ବାଇକ୍ ଭିତରେ ପଶିଯିବାରୁ ସେ ରାସ୍ତା ଉପରେ କଚାଡ଼ି ହୋଇ ପଡ଼ିଯାଇଥିଲେ। ଫଳରେ ତାଙ୍କର ଡାହାଣ ଗୋଡ଼ ଭାଙ୍ଗିଯିବା ସହ ବିଭିନ୍ନ ସ୍ଥାନରେ କ୍ଷତ ହୋଇଛି। ତାଙ୍କୁ ସ୍ଥାନୀୟ ଲୋକମାନେ ଉଠାଇ ଢେଙ୍କିକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେ ଗୁରୁତର ଆହତ ହୋଇଛନ୍ତି।

### ତହସିଲ ତରଫରୁ ନୋଟିସ ଜାରି

ହାଟଡିହୀ, ୩।୧୦(ଡି.ଏନ୍.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ କାହ୍ନୁପୁର ଗ୍ରାମର ୨ଜଣଙ୍କୁ ତହସିଲ ତରଫରୁ ନୋଟିସ ଜାରି ହୋଇଛି। ଏମାନେ ଖାତା ନଂ ୩୬୪/୧୩୫ ଓ ପ୍ଲଟ ନଂ ୭୩୫ କିସମ ସାରଦ -୨ ରେ ବାସଗୃହ ନିର୍ମାଣ କରିଛନ୍ତି। ଏହାକୁ ବିରୋଧ କରି ସେହି ଗ୍ରାମର ସରୋଜ ରାଉତ ଓଡିଶା ହାଇକୋର୍ଟଙ୍କ ନିକଟରେ ଡବ୍ଲ୍ୟୁପିସି ନଂ ୧୩୭୯୨/୨୦୧୮ ଓ ୨୨୬୩୩/୨୦୧୮ ମୋଟ ଦୁଇଗୋଟି ମାମଲା ଦାଏର କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାରଙ୍କ କାର୍ଯ୍ୟାଳୟରୁ ଚିଠି (ନଂ. ୩୬୮୨/୨୬।୯।୨୦୧୯)ରେ ନୋଟିସ ଜାରି ହୋଇଛି। ତୁରନ୍ତ କିସମ ପରିବର୍ତ୍ତନ ନ କଲେ ଅଥବା ଉକ୍ତ ଜମିକୁ ପୂର୍ବ ସ୍ଥିତିକୁ ଫେରାଇ ନ ଆଣିଲେ ଆସନ୍ତା ତା୧୦।୧୦।୨୦୧୯ରିଖ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି।

### ଫୁଟବଲ ଟୁର୍ନାମେଣ୍ଟ ଓସ୍ତପୁରା ଚାମ୍ପିୟନ

ଘସିପୁରା, ୩।୧୦(ଡି.ଏନ.ଏ.)- ଶୈଲଙ୍ଗଠାରେ ଅନୁଷ୍ଠିତ ୨୫ତମ ବାୟାବାବା କପ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ଫାଇନାଲ ମ୍ୟାଚରେ ଧୋଲଗଡ଼ା ଏକାଦଶକୁ ୩-୦ ଗୋଲରେ ପରାସ୍ତ କରି ଓସ୍ତପୁରା କ୍ଲବ ଚାମ୍ପିୟନ ହୋଇଛି। ଏହି ମ୍ୟାଚକୁ ରେଫରି ଉମେଶ ଅମାନ୍ତ ଓ ଲାଇନ୍ସ ମ୍ୟାନ କାଳିଆ ଅମାନ୍ତ, ରଞ୍ଜନ ଅଧିକାରୀ ପରିଚାଳନା କରିଥିଲେ। ଶେଷରେ କାଉନସିଲର ଆଶୁତୋଷ ପୁହାଣଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀଳମଣି ସା, ଅତୁଲ ବେହେରା, ମହେଶ୍ୱ ଅମାନ୍ତ, ରଘୁନାଥ ପଣ୍ଡା, ନୀଳମଣି ଦାଶ, ବିଶ୍ୱଭୂଷଣ ମଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ଉପଖଣ୍ଡ ଚିକିତ୍ସାଳୟରେ ଅନିୟମିତତା
# ତଦନ୍ତ କଲେ ଜିଲା ଚିକିତ୍ସା ଅଧିକାରୀ



ଚମ୍ପୁଆ, ୩।୧୦(ଡି.ଏନ.ଏ.)

ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଲାଗିରହିଥିବା ଅନିୟମିତତାକୁ ରୋଗୀ କଲ୍ୟାଣ ସମିତି ବୈଠକରେ ଅଭିଯୋଗର ଦିନକ ପରେ ଜିଲା ବିଭାଗୀୟ ଅଧିକାରୀମାନେ ତଦନ୍ତ କରିଛନ୍ତି। ଏନେଇ ପ୍ରାୟ ୨ ଘଣ୍ଟାକାଳ ଉପଖଣ୍ଡ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା କରି ଚିକିତ୍ସାଳୟ ବୁଲି ଦେଖିଛନ୍ତି। ଗତ ରବିବାର ଚିକିତ୍ସାଳୟ ପରିସରରେ ରୋଗୀ କଲ୍ୟାଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଯୋଗ ଦେଇଥିବା ବେଳେ ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ଅନୁରୋଧ କରିଥିଲେ। ବିଧାୟିକା ସମସ୍ତ ବିଷୟ ଅବଗତ ହେବାପରେ ବିରକ୍ତି ପ୍ରକାଶ କରିବା ସହ ଚିକିତ୍ସା ଅଧିକାରୀ କର୍ଣ୍ଣରାମ ମହାନ୍ତଙ୍କୁ ତାଗିଦ କରିବା ସହିତ ଜିଲା ଚିକିତ୍ସା ଅଧିକାରୀଙ୍କୁ ଏଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ଗତ ବୁଧବାର ଜିଲା ଚିକିତ୍ସା ଅଧିକାରୀ ଅଶୋକ ଦାଶ, ଏଡିଏମଓ ଜି.ସି. ମିଶ୍ର ଓ ଡିପିଏମ ଦିଲୀପ ଦୁବେ ଉପଖଣ୍ଡ ଚିକିତ୍ସାୟ ବୁଲି ଦେଖିବା ସହ ତୁରନ୍ତ ଏହାର ସମାଧାନ କରାଯାଇ ରୋଗୀ ସେବାକୁ ଗୁରୁତ୍ୱ ଦିଆଯିବ ଏବଂ ସାତ ଦିନକୁ ସାତ ରଙ୍ଗର ବେଡଶିଟ ପ୍ରଦାନ କରାଯିବ ବୋଲି ସୂଚନା ଦେଇଥିଲେ।

# ଶବ ସତ୍କାର ପାଇଁ ଯାଉଥିବା ବେଳେ ସୁରକ୍ଷାକର୍ମୀଙ୍କ ମାଡ଼

ଯୋଡ଼ା, ୩।୧୦(ଡି.ଏନ.ଏ.)-

କେନ୍ଦୁଝର ଜିଲା ଯୋଡା ଥାନା ଅନ୍ତର୍ଗତ ଦେଓଝର ପଞ୍ଚାୟତର ମୁର୍ଗାବେଡାଠାରେ ସ୍ଥାନୀୟ କିଛି ଲୋକ ଶବଦାହ ପାଇଁ ଯାଉଥିବା ବେଳେ ଟ୍ରାଫିକ ଜାମକୁ ଶୃଙ୍ଖଳିତ କରିବା ବେଳେ କମ୍ପାନୀ ସୁରକ୍ଷାକର୍ମୀଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଗ୍ରାମର ରାଜକୁମାର ନାଏକ ଯୋଡା ଥାନାରେ ଏନେଇ ଏକ ଲିଖିତ ଅଭିଯୋଗ କରିଛନ୍ତି। ବୁଧବାର ଅପରାହ୍ନ ସମୟରେ ତାଙ୍କ ମାମୁଁ ବାସିଙ୍ଗା ମୁଣ୍ଡାଙ୍କର ମୃତଦେହ ନେଇ ଶବ ସତ୍କାର ପାଇଁ ଯାଉଥିବା ବେଳେ ଏକ ଲୌହ ଖଣିକୁ ଶତାଧିକ ଭାରିଯାନ ପରିବହନ ପାଇଁ ଆସି ଟ୍ରାଫିକ ଜାମ୍ ସମସ୍ୟା କରିଥିଲେ। ଏହି ଟ୍ରାଫିକ ଜାମ୍‌କୁ ସେ ଓ ତାଙ୍କ ସହିତ ଥିବା ସମ୍ପର୍କୀୟମାନେ ଶୃଙ୍ଖଳିତ କରୁଥିବା ବେଳେ ସେଠାରେ ଉପସ୍ଥିତ ଥିବା କମ୍ପାନୀର ଘରୋଇ ସୁରକ୍ଷା କର୍ମୀମାନେ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଜଣେ ସୁରକ୍ଷାକର୍ମୀ ଲାଠି ସାହାଯ୍ୟରେ ତାଙ୍କ ମୁଣ୍ଡକୁ ପ୍ରହାର କରିବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ ପରିବାର ଲୋକେ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ଗୁରୁବାର ଆକ୍ରମଣ କରିଥିବା କମ୍ପାନୀର ଘରୋଇ ସୁରକ୍ଷା କର୍ମୀଙ୍କ ନାମରେ ଯୋଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଘରୋଇ ସୁରକ୍ଷା କର୍ମୀଙ୍କ ପକ୍ଷରୁ ଏକ ପାଲଟା ଅଭିଯୋଗ ଥାନାରେ କରାଯାଇଛି। ଏନେଇ ବିଲେଇପଦା ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ବିଶ୍ୱାଳ କହିଛନ୍ତି ଯେ, ଉଭୟ ପକ୍ଷର ଅଭିଯୋଗକୁ ଦୃଷ୍ଟିରେ ରଖି ତଦନ୍ତ କରାଯାଉଛି।

# କୋଦାଳରେ ଛେଚି ବାପାଙ୍କୁ ହତ୍ୟା
## ଅଭିଯୁକ୍ତ ପୁଅଙ୍କୁ କାବୁକରି ପୋଲିସ ଜିମା ଦେଲେ ଗ୍ରାମବାସୀ

କେନ୍ଦୁଝର, ୩।୧୦(ସ୍ୱ.ପ୍ର.)

ବାପାଙ୍କୁ କୋଦାଳ ପଛରେ ପିଟି ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି ଜଣେ ଯୁବକ। ଗୁରୁବାର ଏହି ଭଳି ଅଭାବନୀୟ ଘଟଣା କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ସିଂହବିଲା ଗ୍ରାମ କିରିକିଚିଆ ସାହିରେ ଘଟିଛି। ମୃତକ ହେଲେ ଗୋପାଳ ସାହୁ(୭୮)। ଗ୍ରାମବାସୀ ଅଭିଯୁକ୍ତ ପୁଅ ମଦନ ସାହୁଙ୍କୁ କାବୁ କରି ଏକ ଖୁଣ୍ଟରେ ବାନ୍ଧି ପୋଲିସକୁ ଖବର ଦେଇଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ଥାନାକୁ ନେଇ ପଚରାଉଚରା କରୁଛି। ତଦନ୍ତ ପରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଘଟଗାଁ ଏସ୍‌ଡିପିଓ ରବୀନ୍ଦ୍ର କୁମାର ମଲ୍ଲିକ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ମଧ୍ୟାହ୍ନରେ ଘର ବାରଣ୍ଡାରେ ବସିଥିଲେ ଗୋପାଳ। ଏହି ସମୟରେ ସେଠାରେ ପହଞ୍ଚି ଥିଲେ ମଦନ। ସେ ନିଶାସକ୍ତ ଥିଲେ। କୌଣସି କାରଣକୁ ନେଇ ସେ ହଠାତ୍ ଉତ୍ୟକ୍ତ ହେବା ସହ ଏକ କୋଦାଳ ଆଣି ବାପା ଗୋପାଳଙ୍କୁ ଆକ୍ରମଣ କରିଥିଲେ। ପୁଅର ଏପରି କାଣ୍ଡ ଦେଖି ମା' ସାହିପଡିଶାଙ୍କୁ ଡାକିବା ପାଇଁ ଧାଇଁ ଯାଇଥିଲେ। ଗାଁ ଲୋକେ ସେଠାରେ ପହଞ୍ଚିବା ପୂର୍ବରୁ ଗୋପାଳଙ୍କ ମୃତ୍ୟୁ ଘଟିସାରିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହକୁ ମଦନ ଘୋଷାଡ଼ି ଘୋଷାଡ଼ି ନେଇ ଘରକୁ ଲାଗିଥିବା ବଗିଚାରେ ପକାଇ ଦେଇଥିଲେ। ଏପରି ଘଟଣା ଦେଖି ସ୍ଥାନୀୟ ଲୋକେ ମଦନଙ୍କୁ ଧରି ପାଖରେ ଥିବା ଏକ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ଥାନାକୁ ଖବର ଦେଇଥିଲେ। ପୋଲିସ ଗୋପାଳଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଗୁହାଳ ପାଖରେ ଲୁଚାଯାଇଥିବା କୋଦାଳକୁ ପୋଲିସ ଜବତ କରିବା ସହିତ ମଦନଙ୍କୁ ଧରି ଥାନାକୁ ନେଇଛି।

### ଅଟୋ ଓଲଟି ୭ ଆହତ, ଜଣେ ଗୁରୁତର

ଆନନ୍ଦପୁର,୩।୧୦(ସ୍ୱ.ପ୍ର.)- ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇ ସେଥିରେ ଥିବା ୭ ଜଣ ଆହତ ହେବା ସହିତ ଜଣେ ଗୁରୁତର ଅବସ୍ଥାରେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସୋସୋ ସଙ୍କଟପାଲିଆ- ସଡା ଛକ ମଧ୍ୟରେ ଏହି ଦୁର୍ଘଟଣା ଘଟିଥିଲା। ଭଦ୍ରକ ଜିଲା ଟାଉନ ଥାନା ଅଞ୍ଚଳର ଆଲାରପୁର ଗାଁର ମୁକ୍ତିଆର ଖାଁଙ୍କ ପରିବାର ଗୁରୁବାର ହଦଗଡ ଡ୍ୟାମ ବୁଲିବାକୁ ଆସିଥିଲେ। ଫେରିବା ସମୟରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ହାଟଡିହୀ ଅଗ୍ନିଶମ ବିଭାଗ କର୍ମଚାରୀମାନଙ୍କ ଦ୍ୱାରା ଆହତମାନଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଥିରେ ୫ ମହିଳା ୪ ଶିଶୁ ରହିଛନ୍ତି।

### ଡକାୟତି ଉଦ୍ୟମ ପଣ୍ଡ, ୩ ଅଭିଯୁକ୍ତ ଗିରଫ

ଚମ୍ପୁଆ, ୩।୧୦ (ଡି.ଏନ.ଏ.)

ଚମ୍ପୁଆ ଅଞ୍ଚଳରେ ଡକାୟତ ଯୋଜନା କରୁଥିବା ବେଳେ ଜୟନ୍ତନାପୁର ଜଙ୍ଗଲ ମଧ୍ୟରୁ ଚମ୍ପୁଆ ପୋଲିସ ୩ ଜଣଙ୍କୁ ଗିରଫ କରିଥରବା ବେଳେ ୨ଜଣ ଖସିପଳାଇବାକୁ ସମର୍ଥ ହୋଇଥିବା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ଗିରଫ ୩ ଜଣଙ୍କ ଠାରୁ ଦଉଡି, କଟୁରି, ଟ୍ରର୍ଚ୍ଚ, ଲୁହାରଡ, ମୋବାଇଲ ସହ ଏଆର ଗନ ଜବତ କରାଯାଇଛି। ପୋଲିସ ଅଭିଯୁକ୍ତଙ୍କୁ ଗରଫ କରି ଗୁରୁବାର କୋର୍ଟଚାଲାଣ କରିଛି।

### ଢେଙ୍କିକୋଟରେ ଗ୍ରାମସଭା

ଢେଙ୍କିକୋଟ, ୩।୧୦(ଡି.ଏନ୍.ଏ.)- ଢେଙ୍କିକୋଟ ଗ୍ରାମ ପଞ୍ଚାୟତର ସରପଞ୍ଚ ଗୌରୀ ବାରିକଙ୍କ ନିର୍ଦ୍ଦେଶକ୍ରମେ ପିଇଓ ଚିତ୍ରସେନ ମହାନ୍ତ ବୁଧବାର ପୂର୍ବାହ୍ନ ୧୦ଟାରେ ପଞ୍ଚାୟତ କାର୍ଯ୍ୟାଳୟରେ ଢେଙ୍କିକୋଟ, ଲଙ୍ଗଳକଣ୍ଟି, ଟିକିରା ଏବଂ କପାସପଡ଼ା ଗ୍ରାମର ଜନ ସାଧାରଣ ଲୋକଙ୍କୁ ନେଇ ଗ୍ରାମସଭା କରିଛନ୍ତି। ଏହି ଗ୍ରାମସଭାରେ ଘଟଗାଁ ବ୍ଲକର ଏସିଓ ନୀଳକଣ୍ଠ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଉପସ୍ଥିତ ଗ୍ରାମବାସୀଙ୍କୁ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ବୁଝାଇଥିଲେ।

### ଆବାସ ଗୃହ ପ୍ରବେଶ

ତେଲକୋଇ, ୩।୧୦(ଡି.ଏନ.ଏ.)- ତେଲକୋଇ ନିର୍ବାଚନ ମଣ୍ଡଳୀର ସ୍ଥାନୀୟ ବିଧାୟକ ତଥା ଦକ୍ଷତା ବିକାଶ ମନ୍ତ୍ରୀ ଇଂ ପ୍ରେମାନନ୍ଦ ନାୟକ ବିଭିନ୍ନ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ରହି ବ୍ଲକ ଅଧୀନ ୨୨ଟି ପଞ୍ଚାୟତ ଅଧୀନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘରର ନିର୍ମାଣାଧୀନ ଗୃହ ପ୍ରବେଶ ଯୋଜନା କରି ସରକାରଙ୍କ ଏହି ଯୋଜନାରେ ସମସ୍ତ ଗରିବ ପରିବାର ପାଇଁ ରାଜ୍ୟ ସରକାରଙ୍କ ଯୋଜନାକୁ ଉଦ୍‌ଘାଟନ କରିଥିଲେ। ଏହି ଆଦିବାସୀ ଅଞ୍ଚଳରେ ଯୋଗ୍ୟ ହିତାଧିକାରୀଙ୍କୁ ସରକାରଙ୍କ ଯୋଜନାକୁ ଗୁରୁତ୍ୱ ଦେବା ମତ ଦେଇଥିଲେ। ସେହିପରି ବୁଧବାର ଖୁଣ୍ଟାପଡା ପଞ୍ଚାୟତ ଅଧୀନର ଭୂୟାଁ ସାହିରେ ସମସ୍ତ ଗୃହକୁ ବିଦ୍ୟୁତ ଯୋଗାଣ ଓ ପାନୀୟଜଳ ଯୋଗାଣର ବ୍ୟବସ୍ଥା କରିଥିଲେ।

# ଧାରଣାକୁ ସମର୍ଥନ କଲା ବିଏମ୍ଏସ୍

ଯୋଡ଼ା, ୩।୧୦(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ବିଚାକୁଣ୍ଡିସ୍ଥିତ ଟାଟା କମ୍ପାନୀର ମାଙ୍ଗାନିଜ ଖଣିରେ ବୋନସ ବୃଦ୍ଧି ଦାବି କରି ଶ୍ରମିକମାନେ ଗତ ରବିବାରଠାରୁ ଧାରଣାରେ ବସିଛନ୍ତି। ଶ୍ରମିକଙ୍କ ଏହି ଧାରଣାକୁ ଭାରତୀୟ ମଜଦୁର୍ ସଂଘ (ବିଏମ୍ଏସ୍) ଗୁରୁବାର ସମର୍ଥନ ଦେଇଛି। ଏନେଇ ସଂଘ ପକ୍ଷରୁ ରାଜ୍ୟ ସଂଗଠନ ମନ୍ତ୍ରୀ ଗିରିଶ ଚନ୍ଦ୍ର ମହାନ୍ତ, ରାଜ୍ୟ ସମ୍ପାଦକ ଡାକ୍ତର ମହାନ୍ତ, ଜିଲା ସଭାପତି ଉମାକାନ୍ତ ଦାସ, ଯୋଡା ବ୍ଲକ ସଂପାଦକ ବାବୁଲାଲ ମହାନ୍ତ ପ୍ରମୁଖ ବିଛାକୁଣ୍ଡିସ୍ଥିତ ଧାରଣାସ୍ଥଳକୁ ଯାଇ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ଓ ଅଭିଯୋଗକୁ ପଚାରି ବୁଝିଥିଲେ ଏବଂ ଟାଟା ଷ୍ଟିଲ ଖଣିରେ କାର୍ଯ୍ୟ କରୁଥିବା କରୋନେସନ ଇନ୍‌ଫ୍ରାଷ୍ଟ୍ରକଚର ପ୍ରାଇଭେଟ ଲିମିଟେଡ୍ (ଅଟୱାଲ)ର କର୍ତ୍ତୃପକ୍ଷଙ୍କ ସହିତ ଶ୍ରମିକ ମାନଙ୍କୁ ବୋନସ ପ୍ରଦାନ ନେଇ ଆଲୋଚନା କରିଥିଲେ। ଶ୍ରମିକମାନଙ୍କୁ ଶତକଡା ୧୨ ପ୍ରତିଶତ ବୋନସ ଦିଆଯିବାର ଆଲୋଚନା ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଶତକଡା ୧୦ ପ୍ରତିଶତ ଗୁରୁବାର ଶ୍ରମିକମାନଙ୍କୁ ଦିଆଯିବ ଏବଂ ଅବଶିଷ୍ଟ ୨ ପ୍ରତିଶତ ବୋନସ ଦୀପାବଳିରେ ପ୍ରଦାନ କରାଯିବା ନେଇ ବଡବିଲସ୍ଥିତ ଲେବର ଏନଫୋର୍ସମେଣ୍ଟ ଅଫିସରଙ୍କ କାର୍ଯ୍ୟାଳୟରେ ନିଷ୍ପତ୍ତି ନିଆଯିବ ବୋଲି ଶ୍ରମିକ ନେତା ଡାକ୍ତର ମହାନ୍ତ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ସେ ତାଙ୍କ ଅଭିଯୋଗରେ କହିଥିଲେ ଯେ, ଶ୍ରମିକ ମାନଙ୍କର ବୋନସ ବୃଦ୍ଧି କରିବା ସହିତ ପୂର୍ବରୁ କାର୍ଯ୍ୟ କରୁଥିବା ଠିକାସଂସ୍ଥା ଶ୍ରମିକମାନଙ୍କର ପିଏଫ ଟଙ୍କା ପ୍ରଦାନରେ ଅନିୟମିତତା କରିଥିବା ଏବଂ ଶ୍ରମିକମାନଙ୍କୁ ଫାଇନାଲ ପେମେଣ୍ଟ ମଧ୍ୟ ଦିଆଯାଇ ନ ଥିବା ଶ୍ରମିକମାନେ ତାଙ୍କଠାରେ ଅଭିଯୋଗ କରିବାରୁ ଭାରତୀୟ ମଜଦୁର ସଂଘ ଶ୍ରମିକମାନଙ୍କର ନ୍ୟାର୍ଯ୍ୟ ଦାବି ପାଇଁ ଲଢେଇ ଆରମ୍ଭ କରିଥିବା ସେ ପ୍ରକାଶ କରିଛନ୍ତି। ଠିକାସଂସ୍ଥା କରୋନେସନ ଇନ୍‌ଫ୍ରାଷ୍ଟ୍ରକଚର ପ୍ରାଇଭେଟ ଲିମିଟେଡ୍ (ଅଟୱାଲ)ର ଅଧିକାରୀ ଅନୁଭବ ଦତ୍ତଙ୍କୁ ପଚାରିବାରୁ ଠିକାସଂସ୍ଥା ପକ୍ଷରୁ ଶତକଡା ୧୦ ପ୍ରତିଶତ ବୋନସ ଦୁର୍ଗା ପୂଜାରେ ଦିଆଯିବ ଏବଂ ଅବଶିଷ୍ଟ ୨ ପ୍ରତିଶତ ଦୀପାବଳିରେ ଦିଆଯିବ। ଶ୍ରମିକମାନଙ୍କର ଫାଇନାଲ ପେମେଣ୍ଟ ସମ୍ପର୍କରେ ସେ କହିଥିଲେ ଯେ, ପୂର୍ବରୁ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଥିବା ଠିକାସଂସ୍ଥା ପକ୍ଷରୁ ଶ୍ରମିକମାନଙ୍କୁ ଫାଇନାଲ ପେମେଣ୍ଟ ଦିଆଯାଇନାହିଁ। ଏଥିରେ ବର୍ତ୍ତମାନ ଟାଟାଷ୍ଟିଲ କମ୍ପାନୀରେ ନୂତନଭାବେ କାର୍ଯ୍ୟ ପାଇଥିବା କରୋନେସନ ଇନ୍‌ଫ୍ରାଷ୍ଟ୍ରକଚର ପ୍ରାଇଭେଟ ଲିମିଟେଡ୍ (ଅଟୱାଲ) କମ୍ପାନୀ କୌଣସି ଦାୟୀ ନୁହେଁ। ଶ୍ରମିକମାନଙ୍କୁ ପିଏଫ ଟଙ୍କା ଏବଂ ଫାଇନାଲ ପେମେଣ୍ଟ ନ ଦେବା ଉକ୍ତ ଠିକାସଂସ୍ଥାର ଦୋଷ ବୋଲି ପ୍ରତିକ୍ରିୟାରେ କହିଥିଲେ। ବର୍ତ୍ତମାନ ଏହି ଧାରଣାକୁ ସ୍ଥଗିତ ରଖାଯାଇଥିବା ବିଏମ୍ଏସ୍ ପକ୍ଷରୁ କୁହାଯାଇଛି।




ବୋନସ ଦାବିରେ ଭାରତୀୟ ମଜଦୁର ସଂଘ ପକ୍ଷରୁ ଶ୍ରମିକ ଧାରଣା।